


Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR





✦Vol - 22✦ Issue No:146✦20 September 2026 (Sunday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୪୬✦୨୦ ସେପ୍ଟେମ୍ବର ୨୦୨୬ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# ସୁନ୍ଦରଗଡ଼ରେ ସ୍କ୍ରବ୍ ଟାଇଫସ୍‌କୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା :

## ଟେଷ୍ଟ ରିପୋର୍ଟ ପରେ ସ୍ପଷ୍ଟ ହେବ ସ୍ଥିତି



ସୁନ୍ଦରଗଡ଼,୧୯/୯(ନି/ପ୍ର): ସୁନ୍ଦରଗଡ଼ରେ ସ୍କ୍ରବ୍ ଟାଇଫସ୍‌କୁ ନେଇ ବଢ଼ୁଥିବା ଚିନ୍ତା ମଧ୍ୟରେ ପ୍ରତିକ୍ରିୟା ରଖିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ସ୍କ୍ରବ୍ ଟାଇଫସ୍‌କୁ ନେଇ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଥିବା ମନ୍ତ୍ରୀ କହିଛନ୍ତି । ତେବେ ପରୀକ୍ଷା ରିପୋର୍ଟ ଆସିବା ପୂର୍ବରୁ କୌଣସି ରୋଗ ସମ୍ପର୍କରେ ନିଶ୍ଚିତ ହେବା ଠିକ୍ ନୁହେଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ରୋଗ ଚିହ୍ନଟ ପାଇଁ ଆବଶ୍ୟକ ପରୀକ୍ଷା କରାଯାଉଛି । ବିଶେଷକରି 'ରଖଓଝଇ ଏବଂ କନଫର୍ମେଟୋରି ଟେଷ୍ଟ'ର ଫଳାଫଳ ଆସିବା ପରେ ହିଁ ସ୍କ୍ରବ୍ ଟାଇଫସ୍ ସମ୍ପର୍କରେ ଚୂଡ଼ାନ୍ତ ତଥ୍ୟ ସାମ୍ନାକୁ ଆସିବ । ତେଣୁ ରିପୋର୍ଟ ଆସିବା ପୂର୍ବରୁ କୌଣସି ନିଷ୍କର୍ଷରେ ନ ପହଚିଂବାକୁ ବିଭାଗ ପକ୍ଷରୁ କୁହାଯାଇଛି । ସ୍ଥିତିର ଅନୁଧ୍ୟାନ ପାଇଁ ସୁନ୍ଦରଗଡ଼ ଜିଲ୍ଲାରେ ସ୍ୱତନ୍ତ୍ର ମେଡିକାଲ୍ ଟିମ୍‌କୁ ନିୟୋଜିତ କରାଯାଇଛି । ପ୍ରଭାବିତ ଅଚଂଳକୁ ଟିମ୍ ପହଚିଂ ସ୍ଥିତି ଅନୁଧ୍ୟାନ କରୁଛି । ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା, ଲକ୍ଷଣ ଓ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରାଯିବା ସହ ଆବଶ୍ୟକ ଚିକିତ୍ସା ଓ ନିରୀକ୍ଷଣ ପଦକ୍ଷେପ ନିଆଯାଉଛି । ସ୍ୱାସ୍ଥ୍ୟ ବିଭାଗର ଟିମ୍ ସ୍ଥାନୀୟ ପରିସ୍ଥିତି ଉପରେ ନଜର ରଖିଥିବା ବେଳେ ପରୀକ୍ଷା ରିପୋର୍ଟକୁ ଅପେକ୍ଷା କରାଯାଉଛି । ରିପୋର୍ଟ ଆସିବା ପରେ ହିଁ ସ୍କ୍ରବ୍ ଟାଇଫସ୍‌ର ସ୍ଥିତି ନେଇ ଅଧିକ ସ୍ପଷ୍ଟ ଚିତ୍ର ମିଳିବ । ଏହି ସମୟରେ ଲୋକମାନେ ଭୟଭୀତ ନହୋଇ ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ସ୍ୱାସ୍ଥ୍ୟ ବିଭାଗର ଟିମ୍‌ର ଅନୁଧ୍ୟାନ ଓ ଟେଷ୍ଟ ରିପୋର୍ଟ ଆଧାରରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ରୋଗ ଚିହ୍ନଟ ପାଇଁ ଆବଶ୍ୟକ ପରୀକ୍ଷା କରାଯାଉଛି । ବିଶେଷକରି 'ରଖଓଝଇ ଏବଂ କନଫର୍ମେଟୋରି ଟେଷ୍ଟ'ର ଫଳାଫଳ ଆସିବା ପରେ ହିଁ ସ୍କ୍ରବ୍ ଟାଇଫସ୍ ସମ୍ପର୍କରେ ଚୂଡ଼ାନ୍ତ ତଥ୍ୟ ସାମ୍ନାକୁ ଆସିବ । ତେଣୁ ରିପୋର୍ଟ ଆସିବା ପୂର୍ବରୁ କୌଣସି ନିଷ୍କର୍ଷରେ ନ ପହଚିଂବାକୁ ବିଭାଗ ପକ୍ଷରୁ କୁହାଯାଇଛି । ସ୍ଥିତିର ଅନୁଧ୍ୟାନ ପାଇଁ ସୁନ୍ଦରଗଡ଼ ଜିଲ୍ଲାରେ ସ୍ୱତନ୍ତ୍ର ମେଡିକାଲ୍ ଟିମ୍‌କୁ ନିୟୋଜିତ କରାଯାଇଛି । ପ୍ରଭାବିତ ଅଚଂଳକୁ ଟିମ୍ ପହଚିଂ ସ୍ଥିତି ଅନୁଧ୍ୟାନ କରୁଛି । ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା, ଲକ୍ଷଣ ଓ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରାଯିବା ସହ ଆବଶ୍ୟକ ଚିକିତ୍ସା ଓ ନିରୀକ୍ଷଣ ପଦକ୍ଷେପ ନିଆଯାଉଛି । ସ୍ୱାସ୍ଥ୍ୟ ବିଭାଗର ଟିମ୍ ସ୍ଥାନୀୟ ପରିସ୍ଥିତି ଉପରେ ନଜର ରଖିଥିବା ବେଳେ ପରୀକ୍ଷା ରିପୋର୍ଟକୁ ଅପେକ୍ଷା କରାଯାଉଛି ।


## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


# ଓଡିଶାରେ କେହି ରହିବେନି ବାସହୀନ

## ଖୁବଶୀଘ୍ର ସମସ୍ତ ବାସହୀନଙ୍କୁ ମିଳିବ ପିଏମ ଆବାସ :କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ର ମନ୍ତ୍ରୀ



ଭୁବନେଶ୍ୱର,୧୯/୯(ନି/ପ୍ର): ଓଡ଼ିଶାରେ କେହି ବାସହୀନ ରହିବେ ନାହିଁ । ରାଜ୍ୟର ସମସ୍ତ ବାସହୀନଙ୍କୁ ଖୁବଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶ ପାସୱାନ । ମନ୍ତ୍ରୀ କହିଛନ୍ତି, ଦେଶର କୌଣସି ବ୍ୟକ୍ତି ଘର କିମ୍ବା ଶୌଚାଳୟ ବିନା ରହିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ ଦେଶବାସୀଙ୍କୁ କହିଛନ୍ତି । ଏହା ପରେ କେନ୍ଦ୍ର ଗ୍ରାମୀଣ ବିକାଶ ବିଭାଗ ପକ୍ଷରୁ ସମଗ୍ର ଦେଶରେ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି । ସମସ୍ତ ରାଜ୍ୟରୁ ରିପୋର୍ଟ ମଗାଯାଇଛି ଏବଂ ବାସହୀନଙ୍କ ତାଲିକା ପ୍ରସ୍ତୁତ କରାଯାଉଛି । ସର୍ଭେରେ ଯେଉଁମାନଙ୍କର ନିଜସ୍ୱ ଆବାସ ନଥିବା ଚିହ୍ନଟ ହେବ । ସେମାନଙ୍କୁ ପିଏମ୍ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି । ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ବିହାର ଓ ପଞ୍ଜାବ ଭଳି ରାଜ୍ୟରେ ମଧ୍ୟ ସର୍ଭେ ଆଧାରରେ ବାସହୀନଙ୍କୁ ଆବାସ ପ୍ରଦାନ କରାଯିବ । ଓଡିଶାରେ ମଧ୍ୟ ଖୁବଶୀଘ୍ର ସମସ୍ତ ବାସହୀନଙ୍କୁ ଆବାସ ଦିଆଯିବ । ବିରୋଧୀ ଆବାସକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବା ପ୍ରସଙ୍ଗରେ ମନ୍ତ୍ରୀ କହିଛନ୍ତି, ଆରୋପ ଲଗେଇବା ସହଜ, ଯେଉଁମାନେ ଆରୋପ ଲଗାଉଛନ୍ତି, ସେମାନେ କେତେ ବର୍ଷ ଓଡିଶାରେ ଶାସନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଖୁବଶୀଘ୍ର ଆବାସ ଏବଂ ଗ୍ରାମୀଣ ସଡ଼କ କରାଯିବ ।

# ରୁଷ ଉପରେ କଟକଣା ବିଲ୍ : ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଲେ ଜେଲେନସ୍କି

କିଭ୍,୧୯/୯ : ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ରୁଷକୁ ଟାର୍ଗେଟ କରି ଆମେରିକା ପକ୍ଷରୁ ଅଣାଯାଇଥିବା କଟକଣା ବିଲ୍‌କୁ ସ୍ୱାଗତ କରିଛନ୍ତି । ବିଲ୍‌ରେ ସ୍ୱାକ୍ଷର କରି ଥିବାରୁ ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି, ମସ୍କୋ ଉପରେ ଚାପ ବୃଦ୍ଧି କରିବା ପାଇଁ ଏହି ଆଇନକୁ ସମ୍ପୂର୍ଣ୍ଣ ଭାବେ ଏବଂ ଶୀଘ୍ର କାର୍ଯ୍ୟକାରୀ କରାଯିବା ଉଚିତ୍ । ସୋସିଆଲ ମିଡିଆ ପୋଷ୍ଟରେ, ଜେଲେନସ୍କି ସ୍ୱର୍ଗତ ଆମେରିକୀୟ ସେନେଟର ଲିଣ୍ଡସେ ଗ୍ରାହାମଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହା ସହିତ ଜେଲେନସ୍କି ରୁଷଠାରୁ ତେଲ କିଣିବା ଜାରି ରଖି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆର୍ଥିକ ଭାବେ ସଶକ୍ତ କରୁଥିବା ଦେଶଗୁଡ଼ିକୁ ପ୍ରଶ୍ନ କରିଛନ୍ତି ।

# ଭାରତ ଏବଂ ଚୀନ୍ ଉପରେ ୧୦୦% ଶୁଳ୍କ ଲଗାଇବା ଅଧିକାର ଆମେରିକାକୁ ମିଳିଲା :

## ବିଲ୍‌ରେ ସ୍ୱାକ୍ଷର କଲେ ଟ୍ରମ୍ପ



ୱାସିଂଟନ,୧୯/୯ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ' ଲିଣ୍ଡସେ ଓ. ଗ୍ରାହାମ୍ ସାଙ୍କସନିଂ ଏସିଆ ଆଣ୍ଡ୍ ଇରାନ ଆକ୍ଟ'କୁ ଆଇନରେ ପରିଣତ କରିଛନ୍ତି । ଆମେରିକାର ପ୍ରତିନିଧି ସଭା ଏହି ବିଲ୍ ପାସ୍ କରିବାର ଦୁଇ ଦିନ ପରେ ଏହି ପଦକ୍ଷେପ ନିଆଯାଇଛି । ବିଲ୍‌ରେ ଟ୍ରମ୍ପ ସ୍ୱାକ୍ଷର କରିବା ପରେ ଏହା ଏବେ ଆଇନରେ ପରିଣତ ହୋଇଛି । ଏହି ଆଇନ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ରୁଷଠାରୁ ତେଲ ଏବଂ ଗ୍ୟାସ କିଣୁଥିବା ଶ୍ରେଷ୍ଠ ୫ ଜଣ କ୍ରେତାଙ୍କ ଉପରେ ୧୦୦% ପର୍ଯ୍ୟନ୍ତ ଆମଦାନି ଶୁଳ୍କ ଲଗାଇବାର ଅତିରିକ୍ତ ଅଧିକାର ପ୍ରଦାନ କରିଛି । ଏହି ଆଇନ ଭାରତ, ଚୀନ୍, ସ୍ଲୋଭାକିଆ, ହଙ୍ଗେରୀ ଏବଂ ଆଜରବୈଜାନକୁ ପ୍ରଭାବିତ କରିବାର ଆଶଙ୍କା ରହିଛି ।ଏହା ଉପରେ ପ୍ରତିକ୍ରିୟା ଦେଇ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଭାରତ ନିଜର ୧୪୦ କୋଟି ଜନସାଧାରଣଙ୍କର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଗତ କିଛି ମାସ ମଧ୍ୟରେ ଏହି ପ୍ରସଙ୍ଗରେ ବିଭିନ୍ନ ଆମେରିକୀୟ ଅଧିକାରୀଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା ହୋଇଛି । ଭାରତ ସ୍ପଷ୍ଟ ଭାବରେ କହିଛି ଯେ, ଏହା କେବଳ ଦୁଇ ଦେଶ ମଧ୍ୟରେ ସମ୍ପର୍କ ପାଇଁ ନୁହେଁ ବରଂ ଅନ୍ତର୍ଜାତୀୟ ଶକ୍ତି ବଜାର ପାଇଁ ମଧ୍ୟ ପ୍ରଭାବ ପକାଇପାରେ । ଯଦିଓ ରୁଷ ତେଲ ଏବଂ ଗ୍ୟାସର ସର୍ବବୃହତ ଉତ୍ସ ଭାବରେ ରହିଛି, ଭାରତ ବିବିଧ ଉତ୍ସରୁ ଯୋଗାଣ ସୁରକ୍ଷିତ କରିବା ପାଇଁ ପ୍ରୟାସର ଅଂଶ ସ୍ୱରୂପ ଗତ କିଛି ମାସ ମଧ୍ୟରେ ଆମେରିକା ଏବଂ ଭେନେଜୁଏଲାରୁ ଶକ୍ତି କ୍ରୟ ବୃଦ୍ଧି କରିଛି । ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଭାରତ ଏହାର ବାଣିଜ୍ୟ ଏବଂ ଅର୍ଥନୈତିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସ୍ପଷ୍ଟ ଭାବରେ ସଂକଳ୍ପ ନେଇଛି । ତେବେ ପ୍ରସ୍ତାବିତ ପଦକ୍ଷେପ ବିଷୟରେ କୌଣସି ବିବରଣୀ ପ୍ରଦାନ କରାଯାଇ ନାହିଁ । ଏହି ନିୟମାବଳୀର ପ୍ରଭାବକୁ ସମାଧାନ କରିବା ପାଇଁ ସରକାର ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ସଂଗଠନଗୁଡ଼ିକ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବେ । ଆମେରିକା କଂଗ୍ରେସରେ ଏହି ଆଇନ ପାସ୍ ହେବା ପରେ ଭାରତ ଏହି ଆଇନ ସହିତ ଜଡିତ ପରବର୍ତ୍ତୀ ବିକାଶ ଉପରେ କଡ଼ା ନଜର ରଖିଛି । ଏହି ପ୍ରକ୍ରିୟା ଏପ୍ରିଲ୍ ୨୦୨୫ରେ ଆରମ୍ଭ ହୋଇଥିଲା, ଯେତେବେଳେ ସେନେଟର ଲିଣ୍ଡସେ ଗ୍ରାହାମ୍ ଏବଂ ରିଚାର୍ଡ ବ୍ଲୁମେନ୍ଥଲ୍ ଆମେରିକା ସିନେଟରେ ବିଲ୍‌ର ଏକ ସଂସ୍କରଣ ଉପସ୍ଥାପନ କରିଥିଲେ । ସେମାନଙ୍କର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ରୁଷର ଶକ୍ତି ରପ୍ତାନି ରାଜସ୍ୱକୁ ହ୍ରାସ କରିବା ଏବଂ ଚାରି ବର୍ଷରୁ ଅଧିକ ସମୟ ଧରି ଯୁଦ୍ଧ ପରେ ୟୁକ୍ରେନ୍ ଯୁଦ୍ଧର ଅନ୍ତ ପାଇଁ ଆଲୋଚନା କରିବାକୁ ମସ୍କୋକୁ ବାଧ୍ୟ କରିବା ।

# ଓଡ଼ିଶାରେ ଟାଟା ପାୱାର ୫ ବର୍ଷରେ ୯୧୯୩ କୋଟି ଟଙ୍କା ପୁଞ୍ଜିନିବେଶ କରିବ



ଭୁବନେଶ୍ୱର,୧୯/୯(ନି/ପ୍ର): ଓଡ଼ିଶା ବିଦ୍ୟୁତ୍‌ସେବାକୁ ନିର୍ଭରଯୋଗ୍ୟ କରିବା ପାଇଁ ଟାଟା ପାୱାର ବିତରଣ କମ୍ପାନିଗୁଡିକ ୨୦୨୬-୨୭ରୁ ୨୦୩୦-୩୧ ମଧ୍ୟରେ ୯୧୯୩ କୋଟି ଟଙ୍କା ପୁଞ୍ଜିନିବେଶ କରିବାକୁ ଓଇଆରସିରେ ଦରଖାସ୍ତ କରିଛନ୍ତି । ୨୦୨୬-୨୭ ପାଇଁ ୧୫୦୨ କୋଟିଟଙ୍କା ଗତ ମଇ ୧୫ରେ ଓଇଆରସି ଅନୁମୋଦନ କରିଥିବାବେଳେ ଅବଶିଷ୍ଟ ପୁଞ୍ଜିନିବେଶ ଯୋଜନାକୁ ଅନୁମୋଦନ କରିବା ପାଇଁ ଆୟୋଗ ଏକ ସାର୍ବଜନୀନ ସୂଚନା ଜାରିକରି ଗତକାଲି(ଗୁରୁବାର) ସୁଦ୍ଧା ଜନସାଧାରଣଙ୍କ ମତାମତ ଆହ୍ୱାନ କରିଥିଲେ ।ପ୍ରକାଶ ଥାଉକି, ଆସନ୍ତା ୨୨ତାରିଖରେ ଓଇଆରସି କାର୍ଯ୍ୟାଳୟରେ ଜନଶୁଣାଣି ଅନୁଷ୍ଠିତ ହେବ । ଟାଟା ଦରଖାସ୍ତରୁ ସ୍ପଷ୍ଟ ହୋଇଛି ଯେ, ଓଡ଼ିଶା ବିଦ୍ୟୁତ୍ ସେବା ଦାୟିତ୍ୱ ଗ୍ରହଣ କରିବା ପରେ ୨୦୨୦-୨୧ ରୁ ୨୦୨୬-୨୭ ମଧ୍ୟରେ ଓଇଆରସି ୮୯୬୭କୋଟି ଟଙ୍କା ଅନୁମୋଦନ କରିଥିବା ବେଳେ ସେଥିରୁ ଟାଟା ପାୱାର ୬୫୪୮ କୋଟି ଟଙ୍କା ପୁଞ୍ଜିନିବେଶ କରିଛି । ସେଥିରେ ୫୬୯୮ କୋଟି ଟଙ୍କାର କାମ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବାକି ୮୫୦ କୋଟିଟଙ୍କା କାମ ନିର୍ମାଣାଧୀନ ରହିଛି । ଓଡ଼ିଶା ବିଦ୍ୟୁତ୍ ସେବା ଭାର ଟାଟା ଗ୍ରହଣ କଲାପରେ ପୁଞ୍ଜିନିବେଶ ବାବଦକୁ କେତେ ପରିମାଣର ସରକାରୀ ଅନୁଦାନ ପାଇଛନ୍ତି ଓ ସେଥିରୁ କେତେ ନିବେଶ କରିଛନ୍ତି? ତାହାର ତଥ୍ୟ ଦରଖାସ୍ତରେ ନାହିଁ । ଚଳିତ ବର୍ଷ ପାଇଁ ଗତ ମାର୍ଚ୍ଚ ୨୪ତାରିଖରେ ଓଇଆରସି ଜାରି କରିଥିବା ଟାରିଫ୍ ଆଦେଶରୁ ଜଣାପଡିଛି ଯେ, ସରକାରୀ ପୁଞ୍ଜିନିବେଶ ପରିମାଣକୁ ୧୫,୨୮୯ କୋଟିଟଙ୍କାରେ ଅନୁମୋଦନ କରିବା ପାଇଁ ଟାଟା ପ୍ରସ୍ତାବ ଦେଇଥିଲା । ସେଥିରୁ ଆୟୋଗ ୧୧,୭୮୩କୋଟିଟଙ୍କା ଅନୁମୋଦନ କରି ଚଳିତ ବର୍ଷର ଟାରିଫ୍ ନିର୍ଦ୍ଧୟ କରିଥିଲେ । ଆଶ୍ଚର୍ଯ୍ୟଜନକ କଥାଟି ହେଉଛି ୨୦୨୦-୨୧ ରୁ ୨୦୨୫-୨୬ ମଧ୍ୟରେ ଟାଟାର ପୁଞ୍ଜିନିବେଶ ପରିମାଣକୁ ଓଇଆରସି ୧୨,୭୮୬ କୋଟି ଟଙ୍କା ଅନୁମୋଦନ କରି ଟାରିଫ୍ ନିର୍ଦ୍ଧୟ କରିଥିବାବେଳେ ଟାଟା ଦରଖାସ୍ତରେ ମାତ୍ର ୫୬୯୮ କୋଟି ଟଙ୍କା ଦର୍ଶାଯାଇଛି । ଟାଟାର ପୁଞ୍ଜିନିବେଶ ଯୋଜନା ଦରଖାସ୍ତ ଉପରେ ଶକ୍ତିସମୀକ୍ଷକ ଆନନ୍ଦ ମହାପାତ୍ର ୩୧ ପୃଷ୍ଠାର ଏକ ସର୍ବସାଧାରଣ ମତାମତ ସତ୍ୟପାଠ ଜରିଆରେ ଓଇଆରସିରେ ଦାଖଲ କରି କହିଛନ୍ତି ଯେ ଚାରୋଟି ଟାଟା ବିତରଣ କମ୍ପାନି ଦାଖଲ କରିଥିବା ପୁଞ୍ଜିନିବେଶ ଯୋଜନାରେ ତାଳମେଳ ନାହିଁ । ଓଡ଼ିଶା ବିଦ୍ୟୁତ୍‌ବିତରଣ କମ୍ପାନିଗୁଡ଼ିକୁ ୨୦୨୦-୨୧ରେ ଟାଟାକୁ ହସ୍ତାନ୍ତର ହେବାପରେ ଉଭୟ ଘରୋଇ ଓ ସରକାରୀ ପୁଞ୍ଜିନିବେଶ ପ୍ରାୟ ୨୦ ହଜାର କୋଟି ଟଙ୍କା ହୋଇଥିବା ବେଳେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ମିଟରିଂ ନହେବା, ବିଦ୍ୟୁତ୍‌ବିଭ୍ରାଟ ଓ ଦୁର୍ଘଟଣାରେ ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ନହେବା, ଖୋଲା ତାର ଓ ଟ୍ରାନସ୍‌ଫର୍ମର ବିପଦଶଙ୍କୁଳ ଅବସ୍ଥା ରହିଥିବା ନେଇ ପୁଞ୍ଜିନିବେଶ ଅନୁମୋଦନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେନ୍ଦ୍ରୀୟ ଓ ପଶ୍ଚିମ ଓଡ଼ିଶା ବିତରଣ କମ୍ପାନି ବିଦ୍ୟୁତ୍ ବିତରଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ମିଟରିଂ କରିବା ପାଇଁ ଯୋଜନା କରିଥିବାବେଳେ ଦକ୍ଷିଣ ଓ ଉତ୍ତର ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନି ସେଥିପାଇଁ କୌଣସି ପ୍ରସ୍ତାବ ଦେଇନାହାଁନ୍ତି । ପୁଞ୍ଜିନିବେଶ ଯୋଜନାକୁ ଅନୁମୋଦନ କରିବା ପାଇଁ ଆୟୋଗ ପ୍ରଣିତ କରିଥିବା ନିୟମ ଅନୁସାରେ ଟାଟା ବିତରଣ କମ୍ପାନିଗୁଡିକ ଆବଶ୍ୟକୀୟ ତଥ୍ୟ ଦାଖଲ କରିନାହାଁନ୍ତି । ରାସ୍ତାକଡରେ ଯାଇଥିବା ଏଲଟି ଖୋଲା ବିଦ୍ୟୁତ୍ ତାରକୁ ଏବି କେବୁଲ୍‌ରେ ପରିଣତ କରିବା ପାଇଁ ଦକ୍ଷିଣ ଓ ଉତର ଓଡ଼ିଶା ବିଦ୍ୟୁତ୍ କମ୍ପାନି କିଲୋମିଟର ପିଛା ୭ ରୁ ୮ ଲକ୍ଷ ଟଙ୍କା ଖର୍ଚ୍ଚ ପ୍ରସ୍ତାବ ଦେଇଥିବା ବେଳେ କେନ୍ଦ୍ରୀୟ ଓ ପଶ୍ଚିମ ଓଡ଼ିଶା ବିତରଣ କମ୍ପାନି ୧୧ ରୁ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ପ୍ରସ୍ତାବ ଉପରେ ଶ୍ରୀ ମହାପାତ୍ର ଆପତି ଉଠାଇଛନ୍ତି ।

# ଘନୀଭୂତ ହେଉଛି ଘୂର୍ଣ୍ଣିବଳୟ :

## ଓଡ଼ିଶାକୁ ବଢ଼ିଲା ବାତ୍ୟା ଭୟ : ୨୨ରୁ ବର୍ଷା



ଭୁବନେଶ୍ୱର,୧୯/୯(ନି/ପ୍ର): ଘନୀଭୂତ ହେଉଛି ଘୂର୍ଣ୍ଣିବଳୟ । ଆଣ୍ଡାମାନ ସାଗରରେ ବଳ ଗୋଟାଇ ଆହୁରି ଶକ୍ତିଶଳୀ ହେବାରେ ଲାଗିଛି । ଉତର ଥାଇଲାଣ୍ଡ ଉପରେ ଥିବା ଘୂର୍ଣ୍ଣିବଳୟ ଉତ୍ତର ଆଣ୍ଡାମାନ ସାଗର ଅଚଂଳକୁ ଆସିବା ପରେ ଆଜି ସନ୍ଧ୍ୟା ସୁଦ୍ଧା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି । ଏହା ଦକ୍ଷିଣ ଓଡ଼ିଶା ଓ ଉତତର ଆନ୍ଧ୍ରପ୍ରଦେଶ ଆଡ଼କୁ ଗତି କରିବ । ୨୧ ସେପ୍ଟେମ୍ବର ସୁଦ୍ଧା ଘନୀଭୂତ ହୋଇ ଏକ 'ଡିପ୍ରେସନ୍' (ଅବପାତ)ର ରୂପ ନେବ । ପରିସ୍ଥିତି ଏହାକୁ ଆହୁରି ବଳୁଆ କରି 'ଡିପ୍ ଡିପ୍ରେସନ୍' (ଗଭୀର ଅବପାତ) କିମ୍ବା ଏକ ସାମାନ୍ୟ ବାତ୍ୟାରେ ପରିଣତ କରିବା ପାଇଁ ଅନୁକୂଳ ରହିଛି । ସମୁଦ୍ରରେ ଅଧିକ ସମୟ ରହୁଥବାରୁ ଛୋଟ ବାତ୍ୟାର ରୂପ ନେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଭୁବନେଶ୍ୱର ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଉତ୍ତର ଥାଇଲାଣ୍ଡ ଉପରେ ଥିବା ଘୂର୍ଣ୍ଣିବଳୟ ଉତ୍ତର ଆଣ୍ଡାମାନ ସାଗରକୁ ଆସିପାରେ । ଏହା ୧୯ ସନ୍ଧ୍ୟା ସୁଦ୍ଧା ସେଇ ଅଚଂଳରେ ଲଘୁଚାପ ରୂପ ନେଇପାରେ । ଏହା ଘନୀଭୂତ ହୋଇ ପରବର୍ତ୍ତୀ ୩-୪ ଦିନ ଦକ୍ଷିଣ ଓଡ଼ିଶା-ଉତର ଆନ୍ଧ୍ର ଉପକୂଳ ଦିଗରେ ମୁହାଁଇବ ।ଏହା ପ୍ରଭାବରେ ୨୨ରୁ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହୋଇପାରେ । ୨୩ରୁ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଆଶଙ୍କା ରହିଛ ।କୃଷି ପାଣିପାଗ ବିଜ୍ଞାନୀ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କ କହିବାନୁସାରେ ୨୨ରୁ ବର୍ଷା ଆରମ୍ଭ ହେବ । ସମ୍ଭାବ୍ୟ ଲଘୁଚାପ ଘନୀଭୂତ ହୋଇ ଗଭୀର ଅବପାପାତ ସମ୍ଭାବନା ଅଛି । କିନ୍ତୁ,ବାତ୍ୟା ସମ୍ଭାବନାକୁ ଏବେ ବି ବାଦ୍ ଦିଆଯାଇପାରୁନି । ଗତିପଥ,ଉପକୂଳ ଅତିକ୍ରମ ସ୍ଥାନ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ପାଣିପାଗ ବୈଜ୍ଞାନିକ ବିଶ୍ୱଜିତ ସାହୁ ମଧ୍ୟ କହିଛନ୍ତି,ରାଜ୍ୟରେ ୨୨ରୁ ବର୍ଷା ଆରମ୍ଭ ହୋଇପାରେ । ୨୫ ଯାଏ ରାଜ୍ୟରେ ବର୍ଷା ପ୍ରକୋପ ଅଧିକ ରହିପାରେ ।

# 'ପ୍ରଳୟ'ର ସଫଳ ପରୀକ୍ଷା



ଧାମରା,୧୯/୯(ନି/ପ୍ର): ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥାନ (ଡିଆ ?ଡିଓ) ପକ୍ଷରୁ ସ୍ୱଳ୍ପ ଦୂରଗାମୀ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଳୟ'ର ଶୁକ୍ରବାର ଦୁଇଥର ପରୀକ୍ଷା ହୋଇଛି । ଭଦ୍ରକ ଜିଲା ଧାମରାସ୍ଥିତ କଲାମ ଦ୍ୱୀପର 'ଆଇଟିଆର' ଲଚଂ କମ୍ପ୍ଲେକ୍ସରୁ ସକାଳ ୯ଟାରେ ଏହି କ୍ଷେପଣାସ୍ତ୍ର ଲଗାତାର ଦୁଇଥର ଉତ୍‌କ୍ଷେପଣ କରାଯାଇଥିଲା । ଭୂ-ପୃଷ୍ଠରୁ ଭୂ-ପୃଷ୍ଠକୁ ନିକ୍ଷେପ ହେଉଥିବା ଏହି କ୍ଷେପଣାସ୍ତ୍ରର ୧୫୦କିମିରୁ ୫ଶହ କିମି ଦୂର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାର କ୍ଷମତା ରହିଛି । ୭.୫ ମିଟର ଲମ୍ବ, ୧ ଫୁଟ୍ ୫ଇଚଂ ବ୍ୟାସାର୍ଦ୍ଧ ମୋଟେଇ ତଥା ୫ଟନ୍ ଓଜନ ବିଶିଷ୍ଟ ଏହି କ୍ଷେପଣାସ୍ତ୍ରର ୧ ହଜାର କେଜିର ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବହନ କରିବା କ୍ଷମତା ରହିଛି । କଠିନ ଇନ୍ଧନ ବ୍ୟବହୃତ ହେଉଥିବା ଏହି କ୍ଷେପଣାସ୍ତ୍ରକୁ ୩୩୩ କୋଟି ଟଙ୍କା ବ୍ୟୟରେ ୨୦୧୫ ମସିହାରେ ତିଆରି କରାଯାଇଥିଲା । ଏହା ରୋଡ୍ ଲଚଂରରୁ ବି ନିକ୍ଷେପ କରାଯାଇପାରିବ ବୋଲି ଡିଆରଡିଓ ବୈଜ୍ଞାନିକ ସୂଚନା ଦେଇଛନ୍ତି । ଉତ୍‌କ୍ଷେପଣ ବେଳେ ୩ ସ୍ପିଡ୍‌ରେ ଏହି କ୍ଷେପଣାସ୍ତ୍ର କରୁଥିବା ଗତିକୁ ଫାଇବର ଅପଟିକୋ ଗାଇରୋ ନାଭିଗେସନ୍ ସିଷ୍ଟମ, ଜିପିଏସ ଏବଂ ନାଭିକ ସାଟେଲାଇଟ୍ ଦ୍ୱାରା ଗାଇଡ୍ କରାଯାଇଥାଏ । ଆଜିର ପରୀକ୍ଷାର କିଛି ସମୟ ମଧ୍ୟରେ ହୋଇଥିବା ବିସ୍ଫୋରଣରେ ଅଚଂଳବାସୀ ଭୟଭୀତ ହୋଇପଡ଼ିଥିଲେ । ପରେ ପ୍ରତିରକ୍ଷା ବିଭାଗର ଏକ ହେଲିକପ୍ଟର ଆକାଶ ମାର୍ଗରେ ବୁଲି ସ୍ଥିତି ଅନୁଧ୍ୟାନ କରିଥିବା ଦେଖିବାକୁ ମିଳିଥିଲା । କଠିନ ଇନ୍ଧନ ବ୍ୟବହୃତ ହେଉଥିବା ଏହି କ୍ଷେପଣାସ୍ତ୍ରକୁ ୩୩୩ କୋଟି ଟଙ୍କା ବ୍ୟୟରେ ୨୦୧୫ ମସିହାରେ ତିଆରି କରାଯାଇଥିଲା ।

# ଦୁର୍ଘଟଣାରେ କୋଣାର୍କ ଏନଏସି ଅଧ୍ୟକ୍ଷା ଆହତ, ମୁଣ୍ଡରେ ଲାଗିଛି ଗଭୀର ଆଘାତ



ଗୋପ,୧୯/୯(ନି/ପ୍ର): ଶୁକ୍ରବାର ଅପରାହ୍ନରେ କୋଣାର୍କ – ଗୋପ ପୂର୍ତ୍ତ ବିଭାଗ ରାସ୍ତାର ବନାଖଣ୍ଡି ଗ୍ରାମପଚାଂୟତ କାର୍ଯ୍ୟାଳୟ ସମ୍ମୁଖରେ କୋଣାର୍କ ଏନଏସି ଅଧ୍ୟକ୍ଷା ଙ୍କ ବ୍ୟକ୍ତିଗତ ଗାଡି ଭାରସାମ୍ୟ ହରାଇ ଏକ ବିଦ୍ୟୁତ ଖୁଟଂରେ ଧକ୍କା ହେବା ଫଳରେ ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି ।ଖବରରୁ ପ୍ରକାଶ ଯେ କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ତ୍ରିପାଠୀ ବନାଖଣ୍ଡି ସ୍ଥିତ ପ୍ରେଟୋଲ ଟାଙ୍କିରେ ତେଲ ପକାଇ ଏନଏସି କାର୍ଯ୍ୟାଳୟକୁ ଫେରୁଥିବା ବେଳେ ବନାଖଣ୍ଡି ଗ୍ରାମପଚାଂୟତ ସମ୍ମୁଖ ପୂର୍ତ୍ତବିଭାଗ ରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ ଖୁଟଂରେ ପିଟି ହୋଇ ଯାଇଥିଲା । ଏହି ଦୁର୍ଘଟଣାରେ କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଏହି ଦୁର୍ଘଟଣା ଗାଡି ଚାଳକ ସାମାନ୍ୟ ଭାବେ ଆହତ ହୋଇଛନ୍ତି ।ଅସାବଧାନତା ଯୋଗୁଁ ଏହି ଦୁର୍ଘଟଣା ଘଟିଛି ବୋଲି ସୂଚନା ମିଳିଛି ।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ଏମଡିଆର ବିଲ ପ୍ରତ୍ୟାହାର ଦାବି ୨୧ରେ କଂଗ୍ରେସର ରାୟଗଡ଼ା ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ

ଜୟପୁର,୧୯/୯(ନି/ପ୍ର):ଏମଡିଆର ବିଲ ପ୍ରତ୍ୟାହାର ଦାବିରେ ଜୟପୁର ଠାରେ ସଂସଦ, ବିଧାୟକ କଂଗ୍ରେସର ନେତା ଓ କର୍ମୀଙ୍କୁ ନେଇ ଜିଲ୍ଲା କଂଗ୍ରେସ କମିଟି ଆହ୍ୱାନରେ ଆଜି ରଣନୀତି ପ୍ରସ୍ତୁତ ହୋଇଛି । ଓଡ଼ିଶାର ଖଣିଜ ସମ୍ପଦର ପ୍ରକୃତ ଲାଭ ରାଜ୍ୟବାସୀ, ବିଶେଷକରି ଆଦିବାସୀ ଓ ମୂଳନିବାସୀଙ୍କୁ ମିଳୁନାହିଁ ବୋଲି ଅଭିଯୋଗ କରିଛି । କେନ୍ଦ୍ର ସରକାରଙ୍କ ଏମ୍‌ଏମ୍ଡିଆର୍ ସଂଶୋଧନ ବିଲ୍ଲୁ ବିରୋଧ କରିବା ସହ ଜଳ, ଜଙ୍ଗଲ, ଜମି ଓ ଖଣିଜ ସମ୍ପଦର ସୁରକ୍ଷା ଦାବିରେ ଆସନ୍ତା ୨୧ ତାରିଖରେ ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ ଦଳ । ଏହାକୁ ସଫଳ କରିବା ପାଇଁ କୋରାପୁଟ ଜିଲ୍ଲା କଂଗ୍ରେସ ପକ୍ଷରୁ ଜୟପୁରରେ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇ ଥିଲା । ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ଅଧ୍ୟକ୍ଷତାରେ ଜୟପୁରଠାରେ ଆୟୋଜିତ ବୈଠକରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତାଙ୍କ ସମେତ ଜିଲ୍ଲାର ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇଥିଲେ । କେନ୍ଦ୍ରର ଖଣିଜ ନୀତିକୁ ନେଇ ନେତାମାନେ ଉଦ୍‌ବେଗ ପ୍ରକାଶ କରିବା ସହ ଆଗାମୀ ଆନ୍ଦୋଳନର ନେଇ ଆଲୋଚନା କରିଥିଲେ । ବୈଠକରେ ସାଂସଦ ଓ ବିଧାୟକମାନେ ଅଭିଯୋଗ କରିଥିଲେ ଯେ, ସଂସଦରେ ପର୍ଯ୍ୟାପ୍ତ ଆଲୋଚନା ନକରି ଅଳ୍ପ ସମୟ ମଧ୍ୟରେ ଏମ୍‌ଏମ୍ଡିଆର୍ ସଂଶୋଧନ ବିଲ୍ ପାରିତ କରାଯାଇଛି । ଏହା ଫଳରେ ଓଡ଼ିଶା, ବିଶେଷକରି ଦକ୍ଷିଣ ଓଡ଼ିଶାର ଖଣିଜ ସମ୍ପଦ ଉପରେ ବଡ଼ କର୍ପୋରେଟ୍ ସଂସ୍ଥାଙ୍କ ପ୍ରଭାବ ପଡିବ ବୋଲି ଯୁକ୍ତି ବଢିଛନ୍ତି । କେନ୍ଦ୍ର ସରକାରଙ୍କ ଅଧିକୃତ ସଂସଦୀୟ ରେକର୍ଡ ଅନୁଯାୟୀ, ଏମ୍‌ଏମ୍ଡିଆର୍ ସଂଶୋଧନ ବିଲ୍ ୨୦୨୬ ଅଗଷ୍ଟ ୧୦ରେ ଲୋକସଭାରେ ଉପସ୍ଥାପିତ ହୋଇଥିଲା । ଏହା ଅଗଷ୍ଟ ୧୨ରେ ଲୋକସଭା ଓ ୧୩ରେ ରାଜ୍ୟସଭାରେ ପାରିତ ହୋଇଥିବା ବେଳେ ଅଗଷ୍ଟ ୧୭ରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଥିଲା । ତେବେ ଏହି ଆଇନର ପ୍ରଭାବରେ ଖଣିଜ ସମ୍ପଦ ଲୁଟ ହେବ ବୋଲି ନେତା ମାନେ ମତ ପ୍ରକାଶ କରିଥିଲେ । ବୈଠକରେ କଂଗ୍ରେସ ନେତାମାନେ କହିଥିଲେ ଯେ, ଓଡ଼ିଶା ଖଣିଜ ସମ୍ପଦରେ ସମୃଦ୍ଧ ହୋଇଥିଲେ ମଧ୍ୟ ଏହାର ପ୍ରକୃତ ଲାଭ ସ ଲୋକଙ୍କ ଜୀବନମାନରେ ପ୍ରତିଫଳିତ ହେଉନାହିଁ। ଖଣିଜ ସମ୍ପଦରୁ ରାଜସ୍ୱ ସହ ଡିଏମ୍‌ଏଫ୍ ଓ ସିଏସ୍‌ଆର୍ ଭଳି ବ୍ୟବସ୍ଥା ମାଧ୍ୟମରେ ଖଣି ପ୍ରଭାବିତ ଅଂଚଳର ବିକାଶ ପାଇଁ ପାଣ୍ଠି ମିଳୁଥିବା ବେଳେ ନୂଆ ନୀତିରେ ରାଜ୍ୟର ସ୍ୱାର୍ଥ କିଭଳି ସୁରକ୍ଷିତ ରହିବ, ସେନେଇ ସେମାନେ ଯୁକ୍ତି ବଢ଼ିଥିଲେ । ୨୦୨୧ ମସିହାଠାରୁ ରାଜ୍ୟକୁ ମିଳିବାକୁ ଥିବା ଖଣିଜ ରାଜସ୍ୱ ପ୍ରସଙ୍ଗ ମଧ୍ୟ ବୈଠକରେ ଉଠିଥିଲା । ଓଡ଼ିଶା 'ଧନୀ ହୋଇଥିଲେ ମଧ୍ୟ ଏଠାକାର ଅଧିବାସୀ ଗରିବ ହୋଇ ରହିଯାଉଛନ୍ତି ବୋଲି ନେତାମାନେ କହିଥିଲେ । ଦାମନଯୋଡ଼ିନାଲ୍କୋ ସମେତ ବିଭିନ୍ନ ବୃହତ୍ ଶିଳ୍ପ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଓ ବିସ୍ଥାପନ ପ୍ରସଙ୍ଗ ଉଠାଇ କଂଗ୍ରେସ ନେତାମାନେ କହିଥିଲେ ଯେ, ବିକାଶ ପ୍ରକଳ୍ପ ପାଇଁ ଅନେକ ଆଦିବାସୀ ଓ ଦଳିତ ପରିବାର ନିଜ ଭିଟାମାଟିରୁ ବିସ୍ଥାପିତ ହୋଇଛନ୍ତି । ବିସ୍ଥାପିତ ପରିବାରଙ୍କୁ ଆଶାନୁରୂପ ପୁନର୍ବାସ, ଜୀବିକା ଓ ନିଯୁକ୍ତିର ସୁଯୋଗ ମିଳିନଥିବା ଅଭିଯୋଗ କରିଥିଲେ । ଆଗାମୀ ଦିନରେ ଖଣି ଓ ଶିଳ୍ପ ପ୍ରକଳ୍ପ ନାମରେ ଆଦିବାସୀଙ୍କ ଜମି ଓ ଜୀବନଜୀବିକା ଯେପରି ପ୍ରଭାବିତ ନହୁଏ, ସେଥିପାଇଁ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଥିଲେ । ୨୧ ତାରିଖର ରାୟଗଡ଼ା ଆନ୍ଦୋଳନକୁ ସଫଳ କରିବା ପାଇଁ କୋରାପୁଟ, ବୋରିଗୁମ୍ମା, ଜୟପୁର, ଲକ୍ଷ୍ମୀପୁର, ବନ୍ଧୁଗାଁ, ଦଶମନ୍ତପୁର ସମେତ ଜିଲ୍ଲାର ବିଭିନ୍ନ ସହରାଂଚଳ, ବ୍ଲକ୍ ଓ ପଂଚାୟତସ୍ତରରେ ପ୍ରସ୍ତୁତି ବୈଠକ କରାଯାଇ ପଚାଂୟତସ୍ତରରୁ ଅଧିକ ସଂଖ୍ୟକ ଲୋକଙ୍କୁ ରାୟଗଡ଼ାରେ ଏକତ୍ରିତ କରିବା ପାଇଁ ଦଳ ପକ୍ଷରୁ ଯୋଜନା କରାଯାଇଛି । ବୈଠକରେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ଜିଲ୍ଲା ଉପସଭାପତି ସୂର୍ଯ୍ୟ ପଟ୍ଟନାୟକ, ପିସିସି ସମ୍ପାଦକ ଜଗଦୀଶ ଖୋସଲା, ଜିଲ୍ଲା ମହିଳା ସଭାନେତ୍ରୀ ନଳିନୀ ରଥ, ଭଗବାନ ବାହିନୀପତି,ଙ୍କ ସମେତ ଜିଲ୍ଲା ର ବ୍ଲକ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦୁଝରରେ ବିଶ୍ୱକର୍ମା ପୂଜା



କେନ୍ଦୁଝର,୧୯/୯(ନି/ପ୍ର): କେନ୍ଦୁଝରରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ସମାରୋହରେ ଆୟୋଜିତ ହେଉଛି କେନ୍ଦୁଝର ରେ ଆୟୋଜିତ ହେଉଛି , ସହର ତଥା ଜିଲ୍ଲା ସମ୍ପୂର୍ଣ ଚଳଚଂଚଳ ହୋଇ ପଡିଛି , ପ୍ରାତଃରୁ ସନ୍ଧ୍ୟା ଯାଏ ଲୋକମାନେ ନିଜ ନିଜ ଯାନବାହନ,କଳ କବଜା,ଯନ୍ତ୍ରାଂଶ ,କଳକାରଖାନା ପୂଜା ଅର୍ଚ୍ଚନାରେ ଲାଗିପଡ଼ିଥିଲେ, ଏଠି ସହିତ ବିଭିନ୍ନ ସ୍ଥାନରେ ସୁଦୃଶ୍ୟ ତୋରଣମାନ ସ୍ଥାପନ କରି ମୃଣ୍ମୟ ମୂର୍ତି ମଧ୍ୟ ପୂଜାର୍ଚ୍ଚନା କରୁଥିଲେ ଏସବୁ ସ୍ଥାନ ମାନଙ୍କୁ ଭକ୍ତ ଦେଖଣାହାରିଙ୍କ ସୁଅ ଛୁଟିଥିଲା , ପ୍ରତ୍ୟେକ ପୂଜା ସ୍ଥାନ ମାନଙ୍କରେ ଭକ୍ତଙ୍କ ପାଇଁ ଖେଚୁଡି ପ୍ରସାଦ ମିଷ୍ଟାନ୍ନ ବଂଟନର ବ୍ୟବସ୍ଥା ରହିଥିଲା ,ସରକାରୀ ମୁଦ୍ରଣାଳୟ ,ଟ୍ରାକମାଲିକ ସଂଘ ,ବସ ମାଲିକ ସଂଘ ଜିଇଡି ଜିସିଇ ,ଓଏସଏମଇ, ଖଣି ଉପନିର୍ଦ୍ଦେଶକ ଠିକାଦାର ସଂଘ ଶ୍ରୀମେଟାଲିକ୍ସ ,ଆର୍ଡେଟଂ ଷ୍ଟିଲ ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ ମାନଙ୍କରେ ବିଶ୍ୱକର୍ମଙ୍କ ଆବାହନ କରାଯାଇଥିଲା , ସମଗ୍ର ଜିଲ୍ଲା ଆଲୋକମୟ ହୋଇ ପଡିଛି ।

## ମାକ୍ରୋୱେବ ଟେକ୍ନୋଲୋଜିରେ ଭକ୍ତି ଓ ଉତ୍ସାହର ସହ ବିଶ୍ୱକର୍ମା ପୂଜା ପାଳିତ

ଭଦ୍ରକ, ୧୯/୯(ନି/ପ୍ର): ଭଦ୍ରକ ସହରସ୍ଥିତ ମାକ୍ରୋୱେବ ଟେକ୍ନୋଲୋଜି ପରିସରରେ ଦେବଶିଳ୍ପୀ ଭଗବାନ ବିଶ୍ୱକର୍ମାଙ୍କ ପୂଜା ଭକ୍ତି ଓ ଉତ୍ସାହର ସହ ପାଳିତ ହୋଇଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସଂସ୍ଥାର କର୍ମଚାରୀ, ଅଧିକାରୀ, ଅତିଥି ଓ ଶୁଭେଚ୍ଛୁମାନଙ୍କ ଉପସ୍ଥିତିରେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା । ପୂଜା ଅବସରରେ ମାକ୍ରୋୱେବ ଟେକ୍ନୋଲୋଜି ପରିସରକୁ ସୁନ୍ଦର ଭାବେ ସଜ୍ଜିତ କରାଯାଇଥିଲା । ସକାଳୁ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ପୁଷ୍ପାଞ୍ଜଳି ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସଂସ୍ଥାର କର୍ମଚାରୀମାନେ ଉତ୍ସାହର ସହ ପୂଜାରେ ଯୋଗଦେଇ ଭଗବାନ ବିଶ୍ୱକର୍ମାଙ୍କ ଆଶୀର୍ବାଦ କାମନା କରିଥିଲେ । ଏହି ଅବସରରେ ମାକ୍ରୋୱେବ ଟେକ୍ନୋଲୋଜିର ମ୍ୟାନେଜିଂ ଡାଇରେକ୍ଟର ମନୋଜ କୁମାର ରାୟ କହିଥିଲେ ଯେ, ବିଶ୍ୱକର୍ମା ପୂଜା କେବଳ ଯନ୍ତ୍ରପାତି ଓ ପ୍ରଯୁକ୍ତିର ପୂଜା ନୁହେଁ, ବରଂ ଶ୍ରମ, ସୃଜନଶୀଳତା, କୌଶଳ ଓ ଉନ୍ନତି ପ୍ରତି ସମ୍ମାନର ଏକ ପ୍ରତୀକ । ଭଗବାନ ବିଶ୍ୱକର୍ମାଙ୍କ ଆଶୀର୍ବାଦରେ ସଂସ୍ଥା ଆଗାମୀ ଦିନରେ ଅଧିକ ସଫଳତା ହାସଲ କରିବା ସହ ନିଯୁକ୍ତି ସୃଷ୍ଟି, ସମାଜସେବା ଓ ଡିଜିଟାଲ ସେବା କ୍ଷେତ୍ରରେ ଅଧିକ ଅବଦାନ ରଖିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ମାକ୍ରୋୱେବ ଟେକ୍ନୋଲୋଜି ଦୀର୍ଘ ବର୍ଷ ଧରି ଭଦ୍ରକ ତଥା ଓଡ଼ିଶାରେ ଆଇଟି ଶିକ୍ଷା, ଆଇଟି ଏନାବଲ୍ଡ ସର୍ଭିସ, ସରକାରୀ ପ୍ରଶିକ୍ଷଣ, ମ୍ୟାନପାୱାର ସେବା, ଇଭେଂଟ ମ୍ୟାନେଜମେଂଟ ଓ ସୋଲାର ଇନ୍‌ଷ୍ଟଲେସନ୍ ଭଳି ବିଭିନ୍ନ କ୍ଷେତ୍ରରେ

# ଚମ୍ପୁଆ ଶିଶୁ ମନ୍ଦିରରେ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ




ଚମ୍ପୁଆ,୧୯/୯(ନି/ପ୍ର):ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶୁଭ ଜନ୍ମ ଅବସରରେ ଚମ୍ପୁଆ ଶିଶୁ ମନ୍ଦିରର ଇକୋ କ୍ଲବ ତରଫରୁ ତଥା ଚମ୍ପୁଆ ବନ ବିଭାଗ ଆନୁକୂଲ୍ୟରେ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ଓ ବୃକ୍ଷ ରୋପଣ କରାଯାଇଛି । ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ତହସିଲଦାର ସତ୍ୟବ୍ରତ ସାହୁ, ବନ୍ୟାଂଚଳ ଅଧିକାରୀ ସାଗର ରାଜ ନାୟକ, ସବ ଇନ୍ସପେକ୍ଟର ନିରଞ୍ଜନ ବେହେରା, ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ମୁଖ୍ୟବକ୍ତା ଭାବେ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ, ଇକୋ କ୍ଲବର ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମହାନ୍ତ ଆଦି ମଂଚାସୀନ ଥିଲେ । ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଗଣ ଛାତ୍ରଛାତ୍ରୀ ମାନଙ୍କୁ ବୃକ୍ଷ ରୋପଣ କରି ବନ ସୃଷ୍ଟି କରିବାର ମହତ୍ୱ ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ । ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏଥିସହିତ ଅତିଥି ଗଣ ତଥା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା । ଏଥିରେ ବନ ବିଭାଗର କର୍ମଚାରୀ ଏବଂ ଆଚାର୍ଯ୍ୟ ଆଚାର୍ଯ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଗମ୍ଭାରିଆ ଗାଁରେ ଗୋଠଛଡ଼ା ଦନ୍ତାର ଉତ୍ପାତ ଘର ଭାଙ୍ଗିଲା, ଧାନ-ଚାଉଳ ଖାଇଗଲା

ଚମ୍ପୁଆ, ୧୯/୯(ନି/ପ୍ର): କେନ୍ଦୁଝର ବନାଂଚଳ ଅନ୍ତର୍ଗତ ଚମ୍ପୁଆ ରେଞ୍ଜ ବଡ଼ନଇ ଗ୍ରାମପଂଚାୟତର ଗମ୍ଭାରିଆ ଗାଁରେ ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି । ଆଜି ସକାଳୁ ସକାଳୁ ଏକ ଗୋଠଛଡ଼ା ଦନ୍ତା ହାତୀ ଗାଁ ଭିତରେ ପଶି ଆତଙ୍କ ସୃଷ୍ଟି କରିଛି । ମିଳିଥିବା ସୂଚନା ଅନୁସାରେ, ସକାଳ ସମୟରେ ହାତୀଟି ଗମ୍ଭାରିଆ ଗାଁର କେନ୍ଦୁଘୁଟୁ ସାହିରେ ପଶି ଆକ୍ରମଣାତ୍ମକ ରୂପ ଧାରଣ କରିଥିଲା । ହାତୀଟି ସ୍ଥାନୀୟ କିରାଣୀ ଲହାରଙ୍କ ଘର କବାଟ ଓ ଏକ କାଠ ତିଆରି ଦୋକାନକୁ ଭାଙ୍ଗି ଚୁରମାର କରିଦେଇଛି । ଏହା ସହିତ ମଙ୍ଗୁଳି ସଏ ଓ ପିତାମ୍ବର ସଏଙ୍କ ମାଟିଘରକୁ ଭାଙ୍ଗିଦେବା ସହ ଘର ଭିତରେ ରଖାଯାଇଥିବା ଗୋଟିଏ ବସ୍ତା କଂଟ୍ରୋଲ ଚାଉଳ ଖାଇ ନଷ୍ଟ କରିଦେଇଛି । ତେବେ ସୌଭାଗ୍ୟବଶତଃ ପରିବାର ଲୋକେ ଅଳ୍ପକେ ବର୍ତି ଯାଇଛନ୍ତି । ଖବର ପାଇ ବନ ବିଭାଗ କର୍ମଚାରୀ ସ୍ଥାନୀୟ ଅଂଚଳରେ ପହଂଚି ହାତୀଟିକୁ ଘଉଡ଼ାଇବାରେ ସଫଳ ହୋଇଛନ୍ତି । ବର୍ତ୍ତମାନ ହାତୀଟି ନିକଟସ୍ଥ କୃଷ୍ଣପୁର ଜଙ୍ଗଲରେ ଥିବା ଜଣାପଡ଼ିଛି । ତେବେ ଘଉଡ଼ାଇବା ବାଟରେ ହାତୀଟି କିଛି ଜମିର ଧାନ ଫସଲ ନଷ୍ଟ କରିଥିବା ମଧ୍ୟ ଦେଖିବାକୁ ମିଳିଛି । କ୍ଷତିଗ୍ରସ୍ତ ପରିବାରଗୁଡ଼ିକ ଅତି ଗରିବ ଓ ଖଟିଖିଆ ହୋଇଥିବାରୁ, ବର୍ତ୍ତମାନ ସେମାନେ ଘରଦ୍ୱାର ହରାଇ ଆଗକୁ କିପରି ଚଳିବେ ସେ ନେଇ ଗଭୀର ଚିନ୍ତାରେ ପଡ଼ିଛନ୍ତି । ହାତୀ ଦ୍ୱାରା ହୋଇଥିବା କ୍ଷୟକ୍ଷତିର ତୁରନ୍ତ ଆକଳନ କରାଯାଇ ସେମାନଙ୍କୁ ସରକାରୀ କ୍ଷତିପୂରଣ ଯୋଗାଇ ଦେବାକୁ କ୍ଷତିଗ୍ରସ୍ତ ପରିବାର ଓ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ।

# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୯ ତମ ଜନ୍ମ ମହାମହୋତ୍ସବ ପାଳିତ



ଅନୁଗୋଳ,୧୯/୯(ନି/ପ୍ର): ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୁଳଚନ୍ଦ୍ରଙ୍କର ଶୁଭ ୧୩୯ ତମ ଜନ୍ମ ମହାମହୋତ୍ସବ ଅନୁଗୋଳ ସତସଙ୍ଗ ବିହାର ପରିସରରେ ମହାସମାରୋହ ସହକାରେ ଅନୁଷ୍ଠିତ ହୋଇଯାଇଛି । ଋତ୍ୱିକ ମାଧବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଜନ୍ମ ମହୋତ୍ସବରେ ଭୁବନେଶ୍ୱର ସତସଙ୍ଗ କେନ୍ଦ୍ରର ଋତ୍ୱିକ କୈଳାସ ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭଲ ମଣିଷ ହେବାକୁ ହେଲେ ଜୀବନରେ ଇଷ୍ଟ ଆଦର୍ଶକୁ ଗ୍ରହଣ କରି ତାଙ୍କ ନିର୍ଦ୍ଦେଶିତ ପଥରେ ଚାଲିବା ଦରକାର ବୋଲି ଉପସ୍ଥିତ ସତସଙ୍ଗି ଗୁରୁଭ୍ରାତା, ଗୁରୁମା ମାନଙ୍କୁ ଉପଦେଶ ଦେଇଥିଲେ । ଶ୍ରୀ ବେହେରା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଦର୍ଶ ଓ ଜୀବନୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସକାଳରେ ବେଦ ମାଙ୍ଗଳିକ ଓ ନହବତ, ଉଷା କୀର୍ତ୍ତନ, ସମବେତ ପ୍ରାତଃ ବିନତୀ, ଭକ୍ତି ସଂଗୀତାଞ୍ଜଳି, ମାତୃ ସମ୍ମିଳନୀ, ସତସଙ୍ଗ ସଦାଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ସନ୍ଧ୍ୟା ବିନତୀ ଓ ନାମ ସଂକୀର୍ତ୍ତନ ଆୟୋଜନ ହୋଇଥିଲା । ଋତ୍ୱିକ ନିମାଇଁ ଚରଣ ବେହେରା,ଋତ୍ୱିକ ତାରାକାନ୍ତ ବେହେରା, ଋତ୍ୱିକ ଅଶୋକ କୁମାର ଗଡ଼ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସମଗ୍ର ଜିଲ୍ଲାରୁ ଏକ ହଜାରରୁ ଉର୍ଦ୍ଧ୍ୱ ସତସଙ୍ଗୀ ଗୁରୁମା, ଗୁରୁଭ୍ରାତା ଯୋଗଦେଇଥିଲେ । ଶେଷରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।

# ଆଶୀର୍ବାଦର ଦୀପ- ରାଜ୍ୟର ୩୦ଟି ଜିଲ୍ଲାରେ ପ୍ରଜ୍ୱଳିତ ହେଲା ଏକ କୋଟି ଦୀପ

## ମୁକ୍ତେଶ୍ୱର ପ୍ରାଙ୍ଗଣରେ ଆଶୀର୍ବାଦର ଦୀପ ଜାଳି ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଆୟୁ କାମନା କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୧୯/୯(ନି/ପ୍ର):ସଞ୍ଜ ନଇଁଆସୁଥିଲା । ଭୁବନେଶ୍ୱରର ଐତିହାସିକ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଧୀରେ ଧୀରେ ଜମୁଥିଲା ଆଲୋକର ବାତାବରଣ । ସେ ଆଲୋକ କୌଣସି କୃତ୍ରିମ ବୈଦ୍ୟୁତିକ ଲାଇଟ ନଥିଲା, ବରଂ ତାହା ଥିଲା ଆମ ପରମ୍ପରା ଓ ସଂସ୍କୃତିର ପ୍ରତୀକ ସ୍ୱରୂପ ପବିତ୍ର ସଳିତାର ଶିଖା । ଧାଡ଼ିରେ ଜଳୁଥିଲା ହଜାର ହଜାର ଦୀପ । ସନ୍ଧ୍ୟା ଆରତୀର ଘଂଟ ଘଂଟା-ଶଙ୍ଖ ଧ୍ୱନି ଏବଂ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଗାୟନରେ ମୁକ୍ତେଶ୍ୱର'ର ପ୍ରାଚୀନ ପାଷାଣ ପ୍ରାଚୀର ଗୁଞ୍ଜରିତ ହୋଇଉଠିଥିଲା । ଭକ୍ତିର ଏହି ମାଦକତା ଭିତରେ, ହଜାର ହଜାର ମହିଳା ଏକାଠି ହୋଇ ଜାଳିଥିଲେ ୧୧,୦୦୦ ରୁ ଅଧିକ ଦୀପ । ଗୋଟିଏ ପରେ ଗୋଟିଏ ସଳିତା ଜଳିଉଠିବା କ୍ଷଣି ସମ୍ପୂର୍ଣ୍ଣ ମନ୍ଦିର ପରିସର ଏକ ସ୍ୱର୍ଣ୍ଣାଭ ପ୍ରଭାରେ ପ୍ରଜ୍ୱଳିତ ହୋଇଉଠିଥିଲା, ଯେମିତି ମନେହେଉଥିଲା ଆକାଶର ତାରାସବୁ ମାଟିକୁ ଓହ୍ଲାଇ ଆସିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜୟନ୍ତୀ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମରେ ହଜାର ହଜାର ମହିଳା ତଥା ଯୁବବର୍ଗଙ୍କ ସମାଗମ ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ ସୃଷ୍ଟି କରିଥିଲା । ହାତରେ ଜଳନ୍ତା ଦୀପ ଧରି ଉପସ୍ଥିତ ସମସ୍ତେ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ଦୀର୍ଘ ଆୟୁ, ସୁସ୍ଥ ଓ ନିରାମୟ ଜୀବନ ପାଇଁ ନିଷ୍ପାପର ପ୍ରାର୍ଥନା କରିଥିଲେ । ଏହି ମୁହୂର୍ତ୍ତ ଆହୁରି ଆକର୍ଷଣୀୟ ହୋଇ ଉଠିଥିଲା ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ । ମୁଖ୍ୟମନ୍ତ୍ରୀଙ୍କ ସମେତ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ଏବଂ ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିଥିଲେ । ଏହି ଆଧ୍ୟାତ୍ମିକ ସମାବେଶ ମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ନିଜେ ଉପସ୍ଥିତ ସମସ୍ତ ଉତ୍ସାହିତ ଯୁବବର୍ଗଙ୍କ ଗହଣକୁ ଯାଇ ସେମାନଙ୍କ ସହ ଭାବବିନିମୟ କରିଥିଲେ । ସମସ୍ତଙ୍କ ଏହି ଅକୁଣ୍ଠ ଆଶୀର୍ବାଦ, ସମର୍ପଣ ଓ ଶ୍ରଦ୍ଧାଭାବକୁ ସେ ଆନ୍ତରିକତାର ସହ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ''ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ୭୬ତମ ଜନ୍ମ ଦିନ ଅବସରରେ ମୁଁ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଏହି ପବିତ୍ର ଦୀପର ଶିଖା ମୋଦୀଜୀଙ୍କ ପ୍ରତି ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ହୃଦୟରୁ ନିସୃତ ଆଶୀର୍ବାଦର ପ୍ରତୀକ । ଭାରତ ନିଶ୍ଚୟ ବିଶ୍ୱଗୁରୁ ହେବ, ମୋଦୀଜୀଙ୍କ ସ୍ୱପ୍ନ ସାକାର କରିବାକୁ ଆମେ ନିରନ୍ତର ଉଦ୍ୟମ ଜାରି ରଖିବୁ ।''ପ୍ରସିଦ୍ଧ ଓଡ଼ିଆ ଗାୟକ-ଗାୟିକାମାନଙ୍କ ଭକ୍ତିପୂତ ଭଜନ ପରିବେଶକୁ ଅଧିକ ଆଧ୍ୟାତ୍ମିକ ଓ ମନ୍ତ୍ରମୁଗ୍ଧକର କରିତୋଳିଥିଲା । ଉଲ୍ଲେଖଯୋଗ୍ୟ ଯେ, 'ସେବା ସଂକଳ୍ପ ଅଭିଯାନ-୨୦୨୬' ଅନ୍ତର୍ଗତ ରାଜ୍ୟର ୩୦ଟି ଜିଲ୍ଲାରେ ୧ କୋଟିରୁ ଅଧିକ 'ଆଶୀର୍ବାଦର ଦୀପ' ପ୍ରଜ୍ୱଳିତ କରାଯାଇଛି । ପ୍ରତ୍ୟେକ ପରିବାର ନିଜ ଘରେ ଗୋଟିଏ ଲେଖାଏଁ ଦୀପ ପ୍ରଜ୍ୱଳନ କରି ଏହି ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସୁଭଦ୍ରା ଯୋଜନାର ହିତାଧିକାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଛନ୍ତି । ପରିବାର ସ୍ତରରୁ ଆରମ୍ଭ କରି ଗ୍ରାମପଂଚାୟତ, ବ୍ଲକ ଓ ଜିଲ୍ଲା ସ୍ତର ପର୍ଯ୍ୟନ୍ତ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ବ୍ୟାପକ ଭାବେ ଆୟୋଜିତ ହୋଇଛି । ସମସ୍ତ ଗ୍ରାମପଚାଂୟତ, ବ୍ଲକ ଓ ଜିଲ୍ଲା ସ୍ତରରେ ସାମୂହିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଦେବାଳୟମାନଙ୍କରେ ଝୋଟି ଚିତା ସହ ସାମୂହିକ କାର୍ଯ୍ୟକ୍ରମମାନ ହୋଇଥିଲା ।

# ନୂଆପଡ଼ାରେ 'ସେବା ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ

ନୂଆପଡ଼ା,୧୯/୯(ନି/ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିବସ ଅବସରରେ ନୂଆପଡ଼ା ଜିଲ୍ଲାରେ 'ସେବା ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ନୂଆପଡ଼ା ସଦର ମହକୁମାସ୍ଥିତ ଶ୍ରୀ ହନୁମାନ ମନ୍ଦିର ପରିସରରେ ଜିଲ୍ଲାସ୍ତରୀୟ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ୨ ହଜାରରୁ ଊର୍ଦ୍ଧ୍ୱ ଦୀପ ପ୍ରଜ୍ୱଳିତ କରାଯାଇ 'ଦୀପଦାନ' ଉତ୍ସବ ପାଳନ କରାଯାଇଥିଲା । ଜିଲ୍ଲାପାଳ ମଧୁସୂଦନ ଦାଶ ଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଶ୍ରୀ ହନୁମାନ ମନ୍ଦିର ପରିସର ଦୀପର ଆଲୋକରେ ଉଦ୍ଭାସିତ ହୋଇ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଜିଲ୍ଲାପାଳ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିବସ ଅବସରରେ ଘରେ ଘରେ 'ଆଶୀର୍ବାଦର ଦୀପ' ପ୍ରଜ୍ୱଳନ ମାଧ୍ୟମରେ ତାଙ୍କ ପ୍ରତି ଶୁଭକାମନା ଜଣାଯାଉଛି । 'ସେବା ସଂକଳ୍ପ ଅଭିଯାନ' ଆସନ୍ତା ୧୭ ଅକ୍ଟୋବର ପର୍ଯ୍ୟନ୍ତ ମାସବ୍ୟାପୀ ଚାଲିବ । ଏହି ଅବଧି ମଧ୍ୟରେ ବିଭିନ୍ନ ଜନସେବା, ସଚେତନତା, ସାମାଜିକ ଓ ଲୋକସମ୍ପର୍କମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେବ ।ବଜିଲ୍ଲାପାଳ ଆହୁରି କହିଥିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଦୂରଦୃଷ୍ଟିସମ୍ପନ୍ନ ଯୋଜନା ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ନୂଆପଡ଼ା ଜିଲ୍ଲାରେ ସଫଳତାର ସହ କାର୍ଯ୍ୟାନ୍ୱିତ ହେଉଛି । ଏହାର ସୁଫଳ ଜିଲ୍ଲାର ପ୍ରିୟ ଅଧିବାସୀଙ୍କ ଘରେ ଘରେ ପହଂଚାଇବା ସହ ଲୋକଙ୍କ ନିକଟରେ ସରକାରୀ ସେବା ଓ ସୁବିଧାକୁ ଆହୁରି ସୁଗମ କରିବା ଦିଗରେ ଏହି ଅଭିଯାନ ଗୁରୁତ୍ୱପୂର୍ଣ୍ଣ ହେବ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଢ଼େଇ, ନୂଆପଡ଼ା ବିଡିଓ ରୋହିତ ଭୋଇ, ଓଡ଼ିଶା ଜୀବିକା ମିଶନର ଡିପିଏମ୍ ସୁନୀଲ କୁମାର ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ, ନୂଆପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାରଙ୍କ ସମେତମାଧ୍ୟମରେ ସଫଳ କରିବା ପାଇଁ ବାର୍ତ୍ତା ଦିଆଯାଇଥିଲା ।

## ସରଗାଡ଼ ଠାରେ ମର୍ଣ୍ଣିଙ୍ଗ ଷ୍ଟାର ତରଫରୁ '୫ମ ନୂଆଁଖାଇ ଭେଟ୍‌ଘାଟ୍-୨୦୨୬' ଅନୁଷ୍ଠିତ

ବଲାଙ୍ଗିର,୧୯/୯(ନି/ପ୍ର): ୟୁଥ୍ କ୍ଲବ୍ 'ମର୍ଣ୍ଣିଙ୍ଗ ଷ୍ଟାର' ତରଫରୁ ସରଗାଡ଼ଠାରେ ପବିତ୍ର '୫ମ ନୂଆଁଖାଇ ଭେଟ୍‌ଘାଟ୍-୨୦୨୬' କାର୍ଯ୍ୟକ୍ରମ ଅତ୍ୟନ୍ତ ଆଡ଼ମ୍ବର ଓ ଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି । ଆମର ସମୃଦ୍ଧ କଳା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଲକ୍ଷ୍ୟରେ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ଅଚଂଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାଧାରଣ ଜନତା ଯୋଗଦେଇଥିଲେ । ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଲୋକକବି ପଦ୍ମଶ୍ରୀ ହଳଧର ନାଗ, ବିଶିଷ୍ଟ ସମାଜସେବୀ ଅକବର ଖାନ୍, ଡ. ସୁଜ୍ଞାନେନ୍ଦ୍ର ମିଶ୍ର ଏବଂ ସମିତି ସଭ୍ୟ ବିରେନ୍ଦ୍ର ସାହୁ ଉପସ୍ଥିତ ରହି ଉତ୍ସବର ଶୋଭାବର୍ଦ୍ଧନ କରିଥିଲେ । ମୁଖ୍ୟ ଅତିଥି ଡ. ମୁକେଶ ମହାଲିଙ୍ଗ ନିଜ ବକ୍ତବ୍ୟରେ କହିଥିଲେ, "ପଦ୍ମଶ୍ରୀ ହଳଧର ନାଗଙ୍କ ଉପସ୍ଥିତି ଏବଂ ସ୍ଥାନୀୟ ଅଚଂଳବାସୀଙ୍କ ଗହଣରେ ଭାବ ବିନିମୟ ଏହି ଉତ୍ସବକୁ ଆହୁରି ସ୍ମରଣୀୟ କରିପାରିଛି । ଆମ ସଂସ୍କୃତି ଓ କଳାର ପ୍ରଚାର-ପ୍ରସାର ପାଇଁ 'ମର୍ଣ୍ଣିଙ୍ଗ ଷ୍ଟାର'ର ଏହି ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ । ଆଗାମୀ ଦିନରେ ଏହି ଆୟୋଜନ ଆହୁରି ଦିବ୍ୟ ଓ ଭବ୍ୟ ହେଉ—ଏହା ମୋର ଶୁଭକାମନା ।

# କଲ୍ୟାଣସିଂହପୁର କରଞ୍ଜା ଗାଁରେ ୨ ହାତୀଙ୍କ ଆତଙ୍କ



କଲ୍ୟାଣସିଂହପୁର,୧୯/୯(ନି/ପ୍ର):ରାୟଗଡ଼ାଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସିଙ୍ଗାରି ପଚାଂୟତରେ ହାତୀଙ୍କ ଆତଙ୍କ । ଗତକାଲି ଧାମୁଣିପଙ୍ଗା ପଚାଂୟତ ଅଧିନସ୍ତ ଗୁଣ୍ଡରୀଗୁଡା ଗାଁ ମୁଣ୍ଡରେ ହାତୀମାନଙ୍କୁ ଦେଖି ଲୋକେ ଆତଙ୍କିତ ଓ ଭୟଭୀତ ହୋଇ ପଡିଥିଲେ ।ଖାଦ୍ୟ ଅନୁସନ୍ଧାନ କରି ଗତ ୧୧ ତାରିଖ ଠାରୁ ସିଙ୍ଗାରି ପଚାଂୟତ ପାଳଖମଣ,ଟିକ୍ରାପଡ଼ା,ପାଦୁଲଗୁଡ଼ା ଓ ଟିଡିମସ୍କା ନିକଟ ଜଙ୍ଗଲରେ ଡେରା ପକାଇଛନ୍ତି ୧୩ ଟିକିଆ ହାତୀପଲ । ଏମାନେ ଜଙ୍ଗଲରୁ ବାହାରି ଚାଷ ଜମିରେ ପଶି ଅମଳ ଖାଇବା ସହ ପାଦରେ ମାଡ଼ି ଦୋଳି ଚକଟି କପା ସମେତ ବିଭିନ୍ନ ଫସଲ ନଷ୍ଟ କରିବାରେ ଲାଗିଛନ୍ତି । ଗତ ୧୧ ତାରିଖରୁ ଅଚଂଳରେ ହାତୀପଲ ରହିଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି । ହାତୀ ଭୟରେ ଚାଷ ଜମିକୁ ଯିବାକୁ ବି ଭୟ କରୁଛନ୍ତି ଅନେକ ଗ୍ରାମବାସୀମାନେ । ଏହି କ୍ରମେ ଖାଦ୍ୟ ସନ୍ଧାନ କରି ସହର ମୁହାଁ ହାତୀ ପୋଲ ଆଜି ସକାଳୁ କରଞ୍ଜା ଗାଁ ଆଦିବାସୀ ସାହି ମୁଣ୍ଡରେ ଥିବା କଦଳୀ ବାଡ଼ରେ ଦୁଇଟି ହାତୀ ଡ଼େରା ପକାଇଛନ୍ତି ଖବର ପାଇ ବନ ବିଭାଗର ଫରେଷ୍ଟର ଭଗବାନ ସାରାକା,ବରଖାରାଣୀ ପାତ୍ର,ଗାର୍ଡ ଦଳ ଓ ପାରା ଗାର୍ଡମାନେ ପହଚିଂ ହାତୀଙ୍କ ଗତିପଥ ଉପରେ ନଜର ରଖିବା ସହ ଘଉଡ଼େଇବା ନିମନ୍ତେ ନାକେଦମ ହୋଇପଡିଛନ୍ତି । ଏମିତି କି ବାଣ ସହ ଟିଅର୍ ଗ୍ୟାସ ମଧ୍ୟ ବ୍ୟବହାର କରିଛନ୍ତି । ତଥାପି ମଧ୍ୟ ଦୁଇ ହାତୀ ନିରବରେ ଗାତ ମଧ୍ୟରେ ରହିଛନ୍ତି ।

# ବିବିଧା

## ଆଜିର ରାଶିଫଳ

ମେଷ: ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

ବୃଷ: ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

ମିଥୁନ: କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

କର୍କଟ: ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

ସିଂହ: ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

କନ୍ୟା: ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

ତୁଳା: ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

ବିଛା: ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ଧନୁ: ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

ମକର: ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

କୁମ୍ଭ: ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

ମୀନ: ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୮୬୨- କଲିକତା ଉଚ୍ଚ ନ୍ୟାୟାଳୟର ଉଦ୍‌ଘାଟନ।
- ୧୮୭୯- ଭାରତରେ ପୋଷ୍ଟ କାର୍ଡ ପ୍ରଚଳନ ହେଲା।
- ୧୯୨୧- ଚୀନ୍‌ରେ କମ୍ୟୁନିଷ୍ଟ ପାର୍ଟିର ସ୍ଥାପନା ହେଲା।
- ୧୯୯୭- ଭାରତର ପ୍ରଥମ ସାଇନ୍ସ ସିଟି କଲିକତାରେ ଖୋଲାଗଲା।
- ୨୦୧୩- କ୍ରୋଏସିଆ ୟୁରୋପୀୟ ସଂଘର ୨୮ ତମ ଦେଶ ହେଲା।
- ୨୦୧୭- ଭାରତରେ ପ୍ରଥମ ଥର ଜିଏସ୍‌ଟି ଲାଗୁ କରାଗଲା।



## ଜାତୀୟ ଚିକିତ୍ସକ ଦିବସ

ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଜାତୀୟ ଚିକିତ୍ସକ ଦିବସ ରୂପେ ପାଳନ କରାଯାଏ। ଅବିଶ୍ରାନ୍ତ ଭାବେ ରୋଗୀ ସେବାରେ ଲାଗି ରହିଥିବା ଡାକ୍ତରମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଭାରତରତ୍ନ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ସ୍ମୃତିରେ ୧୯୯୧ରୁ ଏହି ଦିବସ ପାଳିତ ହୋଇଆସୁଛି। ଏହା ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟଙ୍କ ଉଭୟ ଜନ୍ମ ଓ ମୃତ୍ୟୁ ଦିବସ। ୧୮୮୨ ମସିହା ଜୁଲାଇ ୧ ତାରିଖରେ ବିଧାନ ଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ ଓ ୧୯୬୨ରେ ସେହି ଦିନରେ ଅଶୀ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ସେ ତାଙ୍କ ଜୀବନକୁ ମାନବ ସେବାରେ ଉତ୍ସର୍ଗ କରିଥିଲେ। ତାଙ୍କ ମୃତ୍ୟୁର ବର୍ଷେ ପୂର୍ବରୁ ସେ 'ଭାରତ ରତ୍ନ' ସମ୍ମାନରେ ସମ୍ମାନିତ ହୋଇଥିଲେ। ଏହି ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ଆହ୍ୱାନ ଏବଂ ଡାକ୍ତରମାନଙ୍କ ସୁରକ୍ଷା ବିଷୟରେ ସମାଜକୁ ସଚେତନ କରାଯାଇଥାଏ। ମାନବ ସମାଜ ପାଇଁ ଡାକ୍ତରମାନେ ହେଉଛନ୍ତି ଆଶୀର୍ବାଦ ସ୍ୱରୂପ। ଏଥିପାଇଁ ସେମାନଙ୍କୁ ଦ୍ୱିତୀୟ ଭଗବାନର ଆଖ୍ୟା ଦିଆଯାଏ। ଡାକ୍ତରଙ୍କ ସାହାଯ୍ୟରେ ଜଣେ ରୋଗୀ ଏକ ନୂଆ ଜୀବନ ପାଇଥାଏ। ରୋଗୀଟିଏ ଯେତେବେଳେ ନିଜ ରୋଗ ସହ ଲଢୁଥାଏ ସେତେବେଳେ ତାକୁ ଆରୋଗ୍ୟ କରିବାରେ ଡାକ୍ତରଙ୍କ ଗୁରୁ ଦାୟିତ୍ୱ ରହିଥାଏ। ତେବେ ଡାକ୍ତରମାନଙ୍କ ଏହି ମହାନ ଅବଦାନ, ଉତ୍ସର୍ଗୀକୃତ ସେବା ପାଇଁ ସେମାନଙ୍କୁ କୃତଜ୍ଞତା ଏବଂ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜାତୀୟ ଚିକିତ୍ସକ ଦିବସ ପାଳନ କରାଯାଏ। ଜାତୀୟ ଚିକିତ୍ସକ ଦିବସ ଅବସରରେ ଡାକ୍ତରମାନଙ୍କ ନିଃସ୍ୱାର୍ଥପର ସମର୍ପଣ ଓ ଅବିଚଳିତ ପ୍ରତିବଦ୍ଧତାକୁ ମନେ ପକାଇଥାଏ ସାରା ଦେଶ। ପ୍ରତିବର୍ଷ ଏହି ବିଶେଷ ଦିନ ପାଳନ କରିବାକୁ ଡାକ୍ତରଙ୍କ ସମ୍ମାନାର୍ଥେ ଏକ ଥିମ୍ ରଖାଯାଏ। ଚଳିତବର୍ଷର ଥିମ୍ ରହିଛି- "Behind the Mask: Who Heals the Healers?"

## ପୁଣି ଏକାଠି ଆସିବେ
# ଖିଲାଡ଼ି-ଅନାଡ଼ି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବଂ ପ୍ରିୟଦର୍ଶନ 'ଭୂତ୍ ବଙ୍ଗଲା' ଫିଲ୍ମରେ ୧୪ ବର୍ଷ ପରେ ଏକାଠି କାମ କରିଥିଲେ। ଏହି ବର୍ଷ ଦୁହିଁଙ୍କର ଆଉ ଏକ ଫିଲ୍ମ ରିଲିଜ୍ ହେବାକୁ ଯାଉଛି। 'ହୈୱାନ' ଫିଲ୍ମରେ ପୁଣି ଥରେ ଅକ୍ଷୟ ଓ ପ୍ରିୟଦର୍ଶନ ଏକାଠି କାମ କରୁଛନ୍ତି। ଏଥିରେ ଅକ୍ଷୟଙ୍କ ସହ ସୈଫ୍ ଅଲ୍ଲୀ ଖାନ୍ ଲିଡ୍ ରୋଲରେ ଦେଖାଯିବେ। ଏହି ସସପେନ୍ସ-ଥ୍ରୀଲର୍ ଫିଲ୍ମ ମାଧ୍ୟମରେ ଅକ୍ଷୟ ଏବଂ ସୈଫ୍ ଅନେକ ବର୍ଷ ପରେ ଏକାଠି ବଡ଼ ପରଦାରେ ନଜର ଆସିବେ। ଏଥିରେ ସୈଫ୍ ନାୟକ ସାଜିଥିବାବେଳେ ଅକ୍ଷୟ ଖଳନାୟକ ଭୂମିକାରେ ଦେଖାଯିବେ। ଫିଲ୍ମ ନିର୍ମାତା ଏକ ପୋଷ୍ଟର୍ ସେୟାର୍ କରି ଏହାର ରିଲିଜ୍ ଡେଟ୍ ବିଷୟରେ ଘୋଷଣା କରିଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟର୍ ସେୟାର୍ କରି ଫିଲ୍ମ ନିର୍ମାତା ଲେଖିଛନ୍ତି, "୧୧ ସେପ୍ଟେମ୍ବର, ୨୦୨୬ରେ ସିନେମାହଲ୍‌ରେ। ୬୦ଟି ବ୍ଲକ୍‌ବଷ୍ଟର୍ ଫିଲ୍ମର ଶାନଦାର ଯାତ୍ରା ପରେ ନିର୍ଦ୍ଦେଶକ ପ୍ରିୟଦର୍ଶନ ଏବେ ନେଇ ଆସୁଛନ୍ତି 'ହୈୱାନ'।" ଏହି ଘୋଷଣା ସାମ୍ନାକୁ ଆସିବା ମାତ୍ରେ ଦର୍ଶକଙ୍କର ଫିଲ୍ମକୁ ନେଇ ଉତ୍ସାହ ବଢ଼ିଯାଇଛି। ଏହି ଥ୍ରୀଲର ଡ୍ରାମାରେ ଅକ୍ଷୟ ଏବଂ ସୈଫ୍‌ଙ୍କ ସହ ଶ୍ରେୟା ପିଲଗାଓଁକର ଏବଂ ସୈୟାମୀ ଖେର୍ ମଧ୍ୟ ନଜର ଆସିବେ। ସୈଫ୍ ଅଲ୍ଲୀ ଖାନ୍ ଏବଂ ଅକ୍ଷୟ କୁମାରଙ୍କ ଯୋଡ଼ିକୁ 'ମୈଁ ଖିଲାଡ଼ି ତୁ ଅନାଡ଼ି' ଫିଲ୍ମରେ ଏକାଠି ଦେଖିବାକୁ ମିଳିଥିଲା। ଏହାପରେ ଦୁହେଁ 'ଟସନ୍' ଫିଲ୍ମରେ ମଧ୍ୟ ଏକାଠି କାମ କରିଥିଲେ। ଏବେ ଦୁହେଁ 'ହୈୱାନ' ଫିଲ୍ମ ଜରିଆରେ ପୁଣି ଥରେ ପରଦାରେ ହଲଚଲ ସୃଷ୍ଟି କରିବାକୁ ପ୍ରସ୍ତୁତ ହେଉଛନ୍ତି। ୧୧ ସେପ୍ଟେମ୍ବରରେ 'ହୈୱାନ' ରିଲିଜ୍ ହେଉଥିବାବେଳେ ଏହିଦିନ ଆୟୁଷ୍ମାନ ଖୁରାନାଙ୍କ ଫିଲ୍ମ 'ଉଡ଼ତା ତୀର' ମଧ୍ୟ ରିଲିଜ୍ ହେଉଛି। ବକ୍ସ ଅଫିସ୍‌ରେ ଏହି ଟକ୍କର ଦେଖିବା ବେଶ୍ ମଜାଦାର ହେବ।



## ଆଜି ବାହୁଡ଼ିଥିଲେ
# ପଲ୍ଲୀକବି ନନ୍ଦକିଶୋର ବଳ



ନନ୍ଦ କିଶୋର ବଳ ଓଡ଼ିଆ ସାହିତ୍ୟର ପ୍ରାକ୍-ଆଧୁନିକ କାଳର ଜଣେ କବି ଥିଲେ। ଓଡ଼ିଶାର ଗ୍ରାମୀଣ ପ୍ରାକୃତିକ ସୌନ୍ଦର୍ଯ୍ୟ, ସରଳ ଜୀବନଯାତ୍ରା ଏବଂ ପଲ୍ଲୀ ସଂସ୍କୃତିକୁ ନିଜ କାବ୍ୟ-କବିତାରେ ସ୍ଥାନ ଦେଇଥିବାରୁ ତାଙ୍କୁ 'ପଲ୍ଲୀକବି' ଭାବରେ ସମ୍ମାନିତ କରାଯାଇଛି। ତାଙ୍କର କବିତାଗୁଡ଼ିକ ସରଳ, ହୃଦୟସ୍ପର୍ଶୀ ଏବଂ ଓଡ଼ିଆ ଲୋକସଂସ୍କୃତି ଓ ପଲ୍ଲୀ ଜୀବନର ଜୀବନ୍ତ ପ୍ରତିଛବି ଅଟେ। ଓଡ଼ିଆ ସାରସ୍ୱତ ଜଗତକୁ ଶ୍ରୀବୃଦ୍ଧି କରିବାରେ ସେ ନିରନ୍ତର ପ୍ରୟାସ କରିଥିଲେ। ଗ୍ରାମ୍ୟ ସମାଜକୁ କୁସଂସ୍କାର ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ଅନ୍ୟ ଏକ ସ୍ୱପ୍ନ ଥିଲା। ପିଲାଦିନେ ତାଙ୍କ ନାମ ରଖାଯାଇଥିଲା ରସାନନ୍ଦ। ପରେ ତାଙ୍କ ନାମ ବଦଳାଇ ନନ୍ଦ କିଶୋର ବଳ ରଖାଯାଇଥିଲା। ୧୮୭୫ ମସିହା ଡିସେମ୍ବର ୨୨ ତାରିଖରେ ନନ୍ଦକିଶୋର କଟକ ଜିଲ୍ଲା କୁସୁପୁର ଗ୍ରାମରେ ପିତା ଭଜନାନନ୍ଦ ଜେନା ଓ ମାତା ହିରଣ୍ମୟୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ସାରସ୍ୱତ ପ୍ରତିଭାର ଉନ୍ମେଷ ଘଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ୍ ସ୍କୁଲ୍, ରେଭେନ୍ସା କଲିଜିଏଟ୍ ସ୍କୁଲ୍, କେନ୍ଦ୍ରାପଡ଼ା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ୧୮୯୬ ମସିହାରେ ସେ କୋକିଳା ଦେବୀଙ୍କୁ ବିବାହ କରିଥିଲେ। ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକର ଟାଉନ୍ ସ୍କୁଲରେ ନନ୍ଦକିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଏହାର କିଛି ବର୍ଷ ପରେ ସ୍କୁଲ୍ ସବ୍ ଇନ୍ସପେକ୍ଟର୍ ଭାବେ ପଦୋନ୍ନତି ପାଇଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡ଼ିଲା। ୧୯୨୮ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ। ନନ୍ଦକିଶୋର କଲେଜ ପଢ଼ିବା ଠୁ ହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରବନ୍ଧକୁ ସେ 'ପଲ୍ଲୀଚିତ୍ର' ନାମରେ କବିତାର ରୂପ ଦେଇଥିଲେ। ସେ ୧୦୦ରୁ ଅଧିକ ସନେଟ୍ ମଧ୍ୟ ଲେଖିଯାଇଛନ୍ତି। ଶିଶୁ କବିତା କ୍ଷେତ୍ରରେ ପଲ୍ଲୀ କବି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ନାନା ବାୟା ଗୀତ ହେଉଛି ତା'ର ଏକ ନିଚ୍ଛକ ଉଦାହରଣ। ତାଙ୍କ ଦ୍ୱାରା ରଚିତ ବହୁ କବିତା ବିଦ୍ୟାଳୟ ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଛି। ପଲ୍ଲୀ କବିଙ୍କର ସୃଷ୍ଟି ଭିତରେ 'ନିର୍ଝରିଣୀ', 'ବସନ୍ତ କୋକିଳ', 'ପ୍ରଭାତ ସଙ୍ଗୀତ', 'ନିର୍ମାଲ୍ୟ', ଓ 'ଜନ୍ମଭୂମି' ଆଦି ଗୀତି କବିତା ଖୁବ୍ ଲୋକପ୍ରିୟ। ସେହପରି ତାଙ୍କ ଦ୍ୱାରା ରଚିତ କାବ୍ୟ ଭିତରେ 'ସୀତା ବନବାସ', 'କୃଷ୍ଣକୁମାରୀ', 'ଶର୍ମିଷ୍ଠା', 'ତରଙ୍ଗିଣୀ', 'ଚାରୁଚିତ୍ର' ଆଦି ବହୁ ପାଠକୀୟ ଆଦୃତି ଲାଭ କରିପାରିଛି। କେବଳ ପଲ୍ଲୀ ଜୀବନକୁ ନେଇ ତାଙ୍କର ସୃଷ୍ଟି ନ ଥିଲା। ଯୌତୁକ ପରି ସାମାଜିକ ବ୍ୟାଧି ବିରୋଧରେ ସେ 'କନକଲତା' ନାମକ ଉପନ୍ୟାସ ରଚନା କରିଥିଲେ। ଗାଉଁଲି ସରଳ ଜୀବନକୁ ଯୌତୁକ ଓ ବାଲ୍ୟବିବାହ କିପରି କଲୁଷିତ କରିଥାଏ, ତାହାର ଛବି ଏଥିରେ ଦେଖିବାକୁ ମିଳିଥାଏ। ସ୍ୱଭାବ ସୁଲଭ ଢଙ୍ଗରେ ନିଜ ରଚନାରେ ସମାଜ ସଂସ୍କାର ପାଇଁ ସେ ଉଦ୍ୟମ କରିଥିଲେ।

# ସମ୍ଭାବନା



## କେମିତି ସମ୍ଭାଳିବେ କାମ ଚାପ

**ଆଜିକାଲି କର୍ମଜୀବୀଙ୍କ କାମ ଚାପ ଅଧିକ। ଏହା ଯୋଗୁଁ ମାନସିକ ଅଶାନ୍ତି ସହ ସ୍ୱାସ୍ଥ୍ୟ ଖରାପ ହେଉଛି। ତେବେ ସେମାନେ କିଛି ଉପାୟକୁ ଆପଣାଇ କାମ ଚାପକୁ ହାଲୁକା କରିପାରିବେ।**



- କାମର ପ୍ରାଥମିକତାକୁ ନିର୍ଦ୍ଧାରିତ କରନ୍ତୁ। ଜରୁରି କାମକୁ ପ୍ରଥମେ କରନ୍ତୁ।
- ଦିନ ତମାମ କେଉଁ ସବୁ କାମ କରିବା ଦରକାର, ସେସବୁ ଲେଖି ରଖନ୍ତୁ। ଏହାଦ୍ୱାରା ଚାପ କମ୍ ହେବ।
- ବଡ଼ କାମକୁ ଛୋଟ ଭାଗରେ ବାଣ୍ଟନ୍ତୁ। ଏହିପରି ଭାବେ ଛୋଟ ଛୋଟ ଲକ୍ଷ୍ୟକୁ ପୂରା କରିବା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ବ୍ରେକ୍ ନେବାକୁ ଭୁଲନ୍ତୁ ନାହିଁ। ଲଗାତାର ବସି କାମ କରିବା ଦ୍ୱାରା ଉତ୍ପାଦକତା କମିପାରେ। ସମୟ ନିୟନ୍ତ୍ରଣ କରିବା ଶିଖନ୍ତୁ। କେଉଁ ସମୟରେ କେଉଁ କାମ କରିବେ ତାହା ଧାର୍ଯ୍ୟ କରନ୍ତୁ।
- ମଲଟି ଟାସ୍କିଂ କରନ୍ତୁ ନାହିଁ। ଗୋଟିଏ ସମୟରେ ଏକାଧିକ କାମ ନ କରି ଗୋଟିଏ କାମ କଲେ ଭଲ ଫଳ ମିଳେ।
- ଆବଶ୍ୟକ ପଡ଼ିଲେ ସହକର୍ମୀ ତଥା ବରିଷ୍ଠ ସହଯୋଗୀଙ୍କ ସହାୟତା ନିଅନ୍ତୁ। ସାହାଯ୍ୟ ପାଇଁ ସଙ୍କୋଚ କରିବା ଭଲ ନୁହେଁ।
- ଅଫିସ୍ ପରେ ଘର ଓ ପରିବାର ସହିତ ସମୟ ଅତିବାହିତ କରନ୍ତୁ।

## ଅଫିସ୍‌ରେ ସମ୍ମାନ ବୃଦ୍ଧି

**ସାଧାରଣତଃ ଅଫିସ୍‌ରେ ସମସ୍ତେ ନିଜର ସମ୍ମାନ ବୃଦ୍ଧି ତଥା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିପାରି ନ ଥାନ୍ତି। ସେହିପରି କିଏ ନିଜ କାମ ମାଧ୍ୟମରେ ଲୋକପ୍ରିୟ ହେବାକୁ ଚେଷ୍ଟା କରନ୍ତି ତ ଆଉ କିଏ ନିଜର ବ୍ୟକ୍ତିତ୍ୱ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବାକୁ ପ୍ରୟାସ କରିଥାନ୍ତି।**



- ଅଫିସ୍‌ରେ ସହକର୍ମୀଙ୍କ ସହ କଥା ହେବା ବେଳେ ହସି ହସି କଥାବାର୍ତ୍ତା କରନ୍ତୁ।
- ଠିକ୍ ସମୟରେ କାମ ପୂରା କରନ୍ତୁ। ଏହା ହିଁ ଅଫିସ୍‌ରେ ସମ୍ମାନ ବୃଦ୍ଧିରେ ସାହାଯ୍ୟ କରେ।
- କେବଳ ନିଜ କାମ ନ କରି ଟିମ୍ ୱାର୍କ ମଧ୍ୟ କରନ୍ତୁ।
- ଭଲ କଥାବାର୍ତ୍ତା କରୁଥିବା କର୍ମଚାରୀଙ୍କ ସମ୍ମାନ ଭଲ ରହେ।
- ଅନ୍ୟମାନଙ୍କର ସମ୍ମାନ କରନ୍ତୁ ଏବଂ ସମ୍ମାନ ସହିତ କଥାବାର୍ତ୍ତା କଲେ ଏହା ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରେ।
- ପ୍ରତ୍ୟେକ ସମୟରେ ଅଭିଯୋଗ ନ କରି ସମସ୍ୟା ସମାଧାନ କରିବା ଶିଖନ୍ତୁ।
- ଅଫିସ୍ ଗସିପଠୁ ଦୂରରେ ରୁହନ୍ତୁ। ପରଚର୍ଚ୍ଚା ଉପରେ ଧ୍ୟାନ ଦିଅନ୍ତୁ ନାହିଁ।
- ଅଫିସ୍‌ରେ ଅନ୍ୟ ସହକର୍ମୀଙ୍କ ସାହାଯ୍ୟ କରନ୍ତୁ। ଏହି ସ୍ୱଭାବ ବି ସମ୍ମାନ ବୃଦ୍ଧିରେ ସହାୟକ ହୁଏ।

## ବିଦେଶରେ ପାର୍ଟ ଟାଇମ୍



**ବିଦେଶରେ ପଢ଼ା ସହିତ ପାର୍ଟ ଟାଇମ୍ ଚାକିରି କରିବା ଭାରତୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ। ସେହିପରି ପ୍ରତ୍ୟେକ ଦେଶରେ ପାର୍ଟ ଟାଇମ୍ ଚାକିରି କରିବାର ଅନୁମତି ଅଛି। କାରଣ ଏହା ଦ୍ୱାରା ପିଲା ସେମାନଙ୍କର ନିତିଦିନର ଖର୍ଚ୍ଚ ଉଠାଇପାରନ୍ତି। ତେବେ ଆମେରିକା, ବ୍ରିଟେନ ଭଳି ଅନ୍ୟ ଦେଶରେ ପାର୍ଟ ଟାଇମ୍ କାମକୁ ନେଇ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଯାଇଛି।**

ଆମେରିକାରେ ଭାରତୀୟ ଛାତ୍ର ସପ୍ତାହରେ ୨୦ ଘଣ୍ଟା କାମ କରିପାରିବେ। ପଢ଼ା ଜାରି ଥିବା ବେଳେ ଏ ନିୟମ ଲାଗୁ ହୋଇଥାଏ। ସେହିପରି ସେମିଷ୍ଟାର ବ୍ରେକ୍ ତଥା ଛୁଟି ଥିଲେ ଛାତ୍ରଛାତ୍ରୀ ସପ୍ତାହକୁ ୪୦ ଘଣ୍ଟା ପର୍ଯ୍ୟନ୍ତ ଚାକିରି କରିପାରିବେ। ବର୍ଷେ ପଢ଼ା ପୂରଣ କରିଥିବା ପିଲା କ୍ୟାମ୍ପସ ବାହାରେ ଚାକିରି କରିପାରିବେ। ତେବେ ପଢ଼ା ସମୟରେ କାନାଡ଼ାରେ ଭାରତୀୟ ଛାତ୍ର ସପ୍ତାହକୁ ୨୪ ଘଣ୍ଟା ଏବଂ ଛୁଟି ସମୟରେ ଅସୀମିତ ଘଣ୍ଟା ପର୍ଯ୍ୟନ୍ତ କାମ କରିପାରିବେ। ଭ୍ୟାଲିଡ ଷ୍ଟଡି ପରମିଟ୍ ଥିବା ଛାତ୍ରଙ୍କୁ କ୍ୟାମ୍ପସ ବାହାରେ ଚାକିରି କରିବାର ଅନୁମତି ଅଛି।

ସେହିପରି ଅଷ୍ଟ୍ରେଲିଆରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ୧୫ ଦିନରେ ୪୮ ଘଣ୍ଟା ପର୍ଯ୍ୟନ୍ତ କାମ କରିବାର ଅନୁମତି ଅଛି। ଏଠାରେ ବି ଅନ୍ୟ ଦେଶ ଭଳି ଛୁଟି ସମୟରେ ଅନଲିମିଟେଡ୍ କାମ କରିବାର ଅନୁମତି ମିଳିଥାଏ। ପୋଷ୍ଟ ଗ୍ରାଜୁଏଟ୍ ରିସର୍ଚ୍ଚ ଛାତ୍ର, ଡକ୍ଟୋରାଲ ଡିଗ୍ରୀ ଆରମ୍ଭ କରିବା ପରେ ବିନା କୌଣସି ସମୟ ସୀମାରେ କାମ କରିପାରିବେ। ତେବେ ଜର୍ମାନୀରେ ପଢ଼ା ସମୟରେ ୨୦ ଘଣ୍ଟା ଏବଂ ଛୁଟିଦିନରେ ସପ୍ତାହକୁ ୪୦ ଘଣ୍ଟା ପାର୍ଟ ଟାଇମ୍ ଚାକିରିର ଅନୁମତି ଅଛି। ମୁଖ୍ୟତଃ ଛାତ୍ରଛାତ୍ରୀଙ୍କୁ ବର୍ଷକରେ ୧୨୦ ପୂରା ଦିନ, ୨୪୦ ଅଧା ଦିନ କାମ କରିବାର ଅନୁମତି ଅଛି। ନ୍ୟୁଜିଲାଣ୍ଡରରେ ଭାରତୀୟ ଛାତ୍ର ଏକାଡେମିକ ସେସନ ସମୟରେ ପ୍ରତି ସପ୍ତାହରେ ୨୦ ଘଣ୍ଟା ଏବଂ ଛୁଟିରେ ଫୁଲ୍ ଟାଇମ୍ କାମ କରିପାରିବେ। ଏହି ସୁବିଧା ଅତି କମ୍‌ରେ ଦୁଇ ବର୍ଷର ପୂର୍ଣ୍ଣକାଳୀନ କାର୍ଯ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ। ଫ୍ରାନ୍ସରେ ପଢୁଥିବା ଭାରତୀୟ ଛାତ୍ର ଶିକ୍ଷାବର୍ଷରେ ପ୍ରତିବର୍ଷ ୯୬୪ ଘଣ୍ଟା (ପ୍ରତି ସପ୍ତାହରେ ୨୦ ଘଣ୍ଟା) ଏବଂ ବିଶ୍ୱବିଦ୍ୟାଳୟ ଛୁଟି ସମୟରେ ଫୁଲଟାଇମ କାମ କରିପାରିବେ। ଏହି ସୁବିଧା ଫରାସୀ ସାମାଜିକ ସୁରକ୍ଷା ବ୍ୟବସ୍ଥାର ଅଂଶବିଶେଷ ଅନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ।

ଅନ୍ୟପଟେ ନେଦରଲ୍ୟାଣ୍ଡସରେ ଭାରତୀୟ ଛାତ୍ରଛାତ୍ରୀ ପ୍ରତି ସପ୍ତାହରେ ୧୬ ଘଣ୍ଟା ଏବଂ ଜୁନ୍ ଜୁଲାଇ ଅଗଷ୍ଟ ମାସରେ ଫୁଲ ଟାଇମ୍ କାମ କରିପାରିବେ। କାମ କରିବା ପାଇଁ ଭାରତୀୟଙ୍କୁ ୱାର୍କ ପରମିଟ୍‌ର ଆବଶ୍ୟକତା ଥାଏ। ଷ୍ଟଡି ପୋଗ୍ରାମର ଜରୁରି ଅଂଶ ହୋଇଥିବା ଇଣ୍ଟରନସିପ୍‌ଙ୍କ ଉପରେ ଏହି ନିୟମ ଲାଗୁ ହୋଇ ନ ଥାଏ। ବ୍ରିଟେନରେ ପାଠପଢ଼ା ଚାଲିଥିବା ସମୟରେ ଭାରତୀୟ ଛାତ୍ରମାନେ ସପ୍ତାହରେ କେବଳ ୨୦ଘଣ୍ଟା କାମ କରିପାରିବେ। ସେମିଷ୍ଟର ବ୍ରେକ୍ ଥିଲେ ଅସୀମିତ ଘଣ୍ଟା ପର୍ଯ୍ୟନ୍ତ କାମ କରିବାର ଅନୁମତି ଦିଆଯାଏ। ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣକାଳୀନ ଡିଗ୍ରୀ-ସ୍ତରୀୟ ପାଠ୍ୟକ୍ରମ କିମ୍ବା ତା'ଠାରୁ ଅଧିକ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ କ୍ୟାମ୍ପସ ବାହାରେ କାମ କରିବାକୁ ଅନୁମତି ଦିଆଯାଏ।

## ପ୍ରଫେସନାଲଙ୍କ ପାଇଁ ଗ୍ୟାଜେଟ୍

**ଆଜିର ସମୟରେ ଅଫିସ୍ କାମ ବି ଆଡଭାନ୍ସ ହୋଇଗଲାଣି। ତେବେ କିଛି ଗ୍ୟାଜେଟ୍ ଏଭଳି ଅଛି, ଯାହାକି ଅଫିସ୍ କାମରେ କର୍ମଚାରୀଙ୍କ କାମକୁ ସହଜ ଓ ସୁବିଧାଜନକ କରିବାରେ ସାହାଯ୍ୟ କରିବ।**

ପୋର୍ଟେବଲ ମନିଟର: ଏହି ଡିଭାଇସ୍ ଲୋକଙ୍କୁ ଅତିରିକ୍ତ ସ୍କ୍ରିନ୍ ସ୍ପେସ୍ ଉପଲବ୍ଧ କରାଏ। ଏହି ଡିଭାଇସ୍ ସାହାଯ୍ୟରେ ଲୋକେ ଏକାକାଳୀନ ଅନେକ ୱିଣ୍ଡୋ ଖୋଲି କାମ କରିପାରିବେ।

ନଏଜ କ୍ୟାନସଲିଂ ହେଡ୍‌ଫୋନ୍: ଅଧିକ ଗହଳିଚହଳି ପାଟିତୁଣ୍ଡ ହେଉଥିବା ପରିବେଶରେ କାମ କରୁଥିଲେ ନଏଜ କ୍ୟାନସଲିଂ ହେଡ୍‌ଫୋନ୍ ଏକ ଉତ୍ତମ ବିକଳ୍ପ। ଏହି ଗ୍ୟାଜଟ୍ କାମରେ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ।

ୱେୟାରଲେସ୍ କି-ବୋର୍ଡ ଏବଂ ମାଉସ୍: ଅଫିସ୍ ତଥା ଘରୁ କାମ କଲେ ବି ଲାପଟପ୍ ତ ଏବେ ନିହାତି ଜରୁରି। ଲାପ୍‌ଟପ୍‌ରେ ଛୋଟ କି-ବୋର୍ଡ ଯୋଗୁଁ ଲୋକଙ୍କୁ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ଏଭଳି ସ୍ଥିତିରେ ୱେୟାରଲେସ୍ କି-ବୋର୍ଡ ବରଦାନ ପ୍ରମାଣିତ ହୋଇପାରେ। ଏହି ଡିଭାଇସ୍ ଲୋକଙ୍କୁ ଟାଇପିଂରେ ସାହାଯ୍ୟ କରିବ। ସେହିପରି କି-ବୋର୍ଡ ଲାଗି ମାଉସ୍ ବି ଦରକାର। ତେଣୁ ୱେୟାରଲେସ୍ କି-ବୋର୍ଡ ବି ଖୁବ୍ ଉପକାରୀ।

ସ୍ମାର୍ଟ ନୋଟ୍‌ବୁକ୍: ସ୍ମାର୍ଟ ନୋଟ୍‌ବୁକ୍‌ରେ ଲେଖାଯାଉଥିବା ନୋଟ୍ ସହଜରେ ଡିଜିଟାଲ ଉପାୟରେ ସେଭ୍ କରାଯାଇପାରିବ। ଦରକାରୀ ତଥ୍ୟ ହଜି ନ ଥାଏ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ରବିବାର ୨୦ ସେପ୍ଟେମ୍ବର ୨୦୨୬**

## ଜଳବାୟୁର ଜାଲ

ଲୋ କକଥାରେ ଥିବା ସିଂହ ଆଉ ମୂଷା ଭିତରର ବନ୍ଧୁତା କଥାକୁ ସ୍ମରଣ କରନ୍ତୁ । ମନେଥିବ, ଥରେ କେମିତି ଶିକାରୀଟିଏ ଜଙ୍ଗଲରେ ଜାଲ ବିଛାଇ ଥିଲା ହରିଣ କି ଠେକୁଆଟିଏ ଧରିବାକୁ, କିନ୍ତୁ ଜାଲରେ ପଡ଼ିଗଲା ଜଙ୍ଗଲର ରାଜା ସିଂହ । ଆଉ ଏତିକି ବେଳେ ତାକୁ ସେଥିରୁ ଉଦ୍ଧାର କରିଥିଲା ତା'ର ମଇତ୍ର ମୂଷା- ଜାଲକୁ ନିଜର ତୀକ୍ଷ୍ଣ ଦାନ୍ତରେ ଟିକିଟିକି କରି କାଟି, ନୁହେଁ କି ? କହିବା ବାହୁଲ୍ୟ, ଶିକାରୀର ଜାଲ ଯେଉଁ ସୂତାରେ ତିଆରି ହୋଇଥିଲା, ତାକୁ ମୂଷା ହୁଏତ କାଟି ଦେଇ ପାରିଥିଲା ; ଏବେ କିନ୍ତୁ ମଣିଷ ଜଙ୍ଗଲ ଧ୍ୱଂସ କରି ତା' ନିଜକୁ ଜଳବାୟୁର ଯେଉଁ ଜଟିଳ ଜାଲରେ ପକାଇ ଚାଲିଛି, ଖୁବ୍ ଶୀଘ୍ର ସେଭଳି ଧାରାରେ ଯଦି ପରିବର୍ତ୍ତନ ନ ଆଣେ, ତା'ହେଲେ ସ୍ୱୟଂ ମହାଦେବ ବି ତାକୁ ସେଥିରୁ ଉଦ୍ଧାର କରି ପାରିବେ ନାହିଁ- ସେଥିରେ ପଡ଼ି ଛଟପଟ ହୋଇ ଆଗାମୀ ପିଢ଼ି ଜୀବନ ନିର୍ବାହ କରିବାକୁ ବାଧ୍ୟ ହେବେ । କହିବାର ତାତ୍ପର୍ଯ୍ୟ- ବୁଧବାର ଦିନ ପ୍ରକାଶ ପାଇଛି ବିଶ୍ୱ ଜଳବାୟୁର ଅବସ୍ଥା ସମ୍ପର୍କିତ ରିପୋର୍ଟ- ଷ୍ଟେଟ୍ ଅଫ୍ ଦ ଗ୍ଲୋବାଲ୍ କ୍ଲାଇମେଟ୍ ୨୦୨୦ । ରିପୋର୍ଟରେ ପ୍ରକାଶିତ ତଥ୍ୟ ଆଧାରରେ ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ) ଉଲ୍ଲେଖ କରିଛି ଯେ ଜଳବାୟୁ ପରିବର୍ତ୍ତନ ତା'ର ଅନବରତ ଯାତ୍ରାକୁ ଅବ୍ୟାହତ ରଖିଛି, ଯଦିଓ ଏ ଯାତ୍ରାର ବିବରଣୀ ରଖାଯିବା ୧୮୫୦ରୁ ଆରମ୍ଭ ହୋଇଛି, ପ୍ରତି ବର୍ଷ ତାପମାତ୍ରାର ପରିମାଣକୁ ରେକର୍ଡ କରି । ସମ୍ପ୍ରତି ପ୍ରକାଶିତ ରିପୋର୍ଟ ଦର୍ଶାଇଛି ଯେ ଯାତ୍ରାରମ୍ଭଠାରୁ ଅଦ୍ୟାବଧି ଯେତେ ବର୍ଷ ଅତିବାହିତ ହୋଇଛି, ସେଥି ମଧ୍ୟରେ ୨୦୨୦ ଦ୍ୱିତୀୟ ଥର ପାଇଁ ସର୍ବାଧିକ ଉତ୍ତପ୍ତ ବର୍ଷ ହୋଇଛି । ୨୦୧୧ରୁ ୨୦୨୦ ସର୍ବାଧିକ ଉତପ୍ତ ଦଶନ୍ଧି ସାବ୍ୟସ୍ତ ହୋଇଥିବା ବେଳେ ୨୦୧୫ରୁ ଆରମ୍ଭ ହୋଇଥିବା ଅଧିକ ଉତ୍ତାପବିଶିଷ୍ଟ ବର୍ଷର ଯାତ୍ରା ୨୦୨୦ ପର୍ଯ୍ୟନ୍ତ ଲଗାତର ଛଅବର୍ଷ ବଜାୟ ରହି ଏକ ରେକର୍ଡ ସୃଷ୍ଟି ହୋଇଛି । ଏଠାରେ ସୂଚାଇ ଦେବା ପ୍ରାସଙ୍ଗିକ ହେବ ଯେ ଚଳିତ ବର୍ଷ ପ୍ରାୟ ଫେବ୍ରୁଆରୀ- ମାର୍ଚ୍ଚଠାରୁ ଅଗଷ୍ଟ-ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ କୋଭିଡ୍-୧୯ ମହାମାରୀର ପ୍ରସାରକୁ ରୋକିବା ପାଇଁ କେବଳ ଭାରତ ନୁହେଁ, ବିଶ୍ୱର ବହୁ ରାଷ୍ଟ୍ରରେ ଲକ୍‌ଡାଉନ୍, ସଟ୍‌ଡାଉନ୍ ଇତ୍ୟାଦି ଜାରି କରାଯିବା ଫଳରେ ଅର୍ଥନୀତିକ କାର୍ଯ୍ୟକଳାପ ବନ୍ଦ ରହିଥିଲା । ଏହାର ଅର୍ଥ, କଳକାରଖାନା, ଯାନବାହନ, ଏପରିକି ଲୋକମାନଙ୍କ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା, ଯାହା ସାଧାରଣତଃ ବାୟୁମଣ୍ଡଳକୁ ପ୍ରଦୂଷିତ କରିବାର କାରଣ ପାଲଟି ଥାଏ । ଏତଦ୍ ବ୍ୟତୀତ ପାଣିପାଗ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଏଲ୍ ନିନୋ ଏବଂ ଲା ନିନା ମଧ୍ୟରୁ ଚଳିତ ବର୍ଷ ଲା ନିନାର ପ୍ରଭାବ ଅଧିକ ଥିଲା, ଅର୍ଥାତ୍ ତାପମାତ୍ରାରେ ଶୀତଳତା ଅଧିକ ରହିଥିଲା । ତା' ସତ୍ତ୍ୱେ ୨୦୨୦ର ଜାନୁଆରୀରୁ ଅକ୍ଟୋବର ମାସ ମଧ୍ୟରେ ସମଗ୍ର ବିଶ୍ୱର ସର୍ବନିମ୍ନ ତାପମାତ୍ରା ରହିଥିଲା ୧.୨ ଡିଗ୍ରୀ ସେଲ୍‌ସିଅସ୍ । ଏହା ଯେ ପ୍ରାକ୍-ଶିଳ୍ପ ସଭ୍ୟତା କାଳରେ ବିଶ୍ୱର ତାପମାତ୍ରାଠାରୁ ଅଧିକ, ତାହା ସମସ୍ତେ ଭଣା ଅଧିକେ ଜାଣନ୍ତି । ଏହା ମଧ୍ୟ ସମସ୍ତେ ଜାଣନ୍ତି ଯେ ଅଧିକ ବିପଦପୂର୍ଣ୍ଣ ଜଳବାୟୁଜନିତ ଅବସ୍ଥାକୁ ଆମନ୍ତ୍ରଣ କରିବା ପାଇଁ ବୈଜ୍ଞାନିକମାନେ ସତର୍କ କରାଇ ଦେଉଥିବା ୧.୫ ଡିଗ୍ରୀ ସେଲ୍‌ସିଅସ୍ ତାପମାତ୍ରାର ଏହା ଖୁବ୍ ନିକଟବର୍ତ୍ତୀ ଅବସ୍ଥାରେ ପହଚିଂଲାଣି । ଜଳବାୟୁ ଜାଲର କରାମତିର ଉଦାହରଣ ଭାବରେ ନିଆଯାଇପାରେ ଉପରୋକ୍ତ ବର୍ଷଗୁଡ଼ିକରେ ସଂଘଟିତ ଅତ୍ୟଧିକ ଉତ୍ତାପ, ବାଡ଼ବାଗ୍ନି ଏବଂ ବନ୍ୟାଗୁଡ଼ିକୁ ଯାହାସବୁ ବର୍ଷର ଭିନ୍ନ ଭିନ୍ନ ସମୟରେ ବିଶ୍ୱର ବିଭିନ୍ନ ଭାଗରେ ଘଟି ଅନେକ ଧନ ଜୀବନ ହାନିର କାରଣ ପାଲଟି ସାରିଛି । ଭାରତ ଏକ ଗ୍ରୀଷ୍ମପ୍ରଧାନ ଦେଶ । ତେଣୁ ଏଠାକାର ଜଳବାୟୁରେ ପ୍ରାୟ ବର୍ଷସାରା ଉଷ୍ମତା ବଜାୟ ରହିଥାଏ । ତେବେ ଉପରବର୍ଣ୍ଣିତ ତଥ୍ୟସବୁକୁ ବିଚାରକୁ ନେଲେ ଅନାୟାସରେ କୁହାଯାଇ ପାରିବ ଯେ ବାୟୁମଣ୍ଡଳରେ ଅଧିକ ତାପମାତ୍ରା ଦେଶର ଜନଗୋଷ୍ଠୀଙ୍କଠାରୁ ଆରମ୍ଭ କରି ଅର୍ଥନୀତି ଏବଂ ଜୈବ ବିବିଧତା ଉପରେ ଭୟଙ୍କର ପ୍ରଭାବ ପକାଇବାର ସମ୍ଭାବନା ବହନ କରେ । ବୁଧବାର ଦିନ ଡବ୍ଲ୍ୟୁଏମ୍‌ଓର ସୂଚନା ସହିତ ତତ୍ପର ଦିନ ଲାନ୍‌ସେଟ୍ ଦ୍ୱାରା ପ୍ରକାଶିତ ସ୍ୱାସ୍ଥ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ରିପୋର୍ଟର ତଥ୍ୟକୁ ଦେଖିଲେ ଜଣାପଡ଼େ ଯେ ୨୦୧୯ରେ ଅତ୍ୟଧିକ ଉତ୍ତାପ ଯୋଗୁଁ ଦେଶର କର୍ମ କରିବାର ସମୟ ବା ଉତ୍ପାଦକତାରେ ସର୍ବାଧିକ କ୍ଷତି ଘଟିଛି । ଲାନ୍‌ସେଟ୍‌ର ହିସାବ ମୁତାବକ ଏହି ସମୟର ପରିମାଣ ହେଉଛି- ୧୧୮.୩ ବିଲିଅନ୍ ଶ୍ରମ ସମୟ । କେବଳ ଏତିକି ନୁହେଁ, ଏହି ବର୍ଷ ଭାରତର ବୟସ୍କ ନାଗରିକମାନେ ସବୁଠୁ ବେଶୀ ଆକ୍ରାନ୍ତ ହୋଇଛନ୍ତି ଉତ୍ତାପ ଦ୍ୱାରା ଏବଂ ଡବ୍ଲ୍ୟୁଏମ୍‌ଓର ରିପୋର୍ଟ ଅନୁସାରେ ଏହି ବର୍ଷ ଜୁନ୍ ମାସରେ ସଂଘଟିତ ଅମ୍ପାନ ବାତ୍ୟା ଯୋଗୁଁ ହାରାହାରି ୧୪ ବିଲିଅନ୍ ଡଲାର ମୂଲ୍ୟର ଆର୍ଥିକ କ୍ଷତି ଘଟିଛି । ଜଳବାୟୁ ପରିବର୍ତ୍ତନ ଓ ଏହାର ହାନିକାରକ ପ୍ରଭାବକୁ ନେଇ ଏହା ଭିତରେ ବେଶ୍ କିଛି ବର୍ଷ ହେବ ପରିବେଶବିତ୍ ଓ ପାଣିପାଗ ବିଜ୍ଞାନୀମାନେ ନିୟମିତ ବ୍ୟବଧାନରେ ସତର୍କ ବାଣୀ ଶୁଣାଇ ଆସୁଛନ୍ତି । ସେମାନଙ୍କର କଥାକୁ ପ୍ରମାଣିତ କରୁଛି ଉପରୋକ୍ତ ଦୁଇ ରିପୋର୍ଟ । ସମ୍ପ୍ରତି ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ଛଟପଟ ହେଉଥିବା ବେଳେ ଏହାକୁ ଏକ ପ୍ରକୃଷ୍ଟ ଅବସର ମନେକରି ରୋଗ ସହିତ ପରବର୍ତ୍ତୀ ପିଢ଼ିଙ୍କୁ ସମସ୍ତ ପ୍ରକାର ସଂକଟ ଓ ଦୁଃଖରୁ ମୁକ୍ତି ପ୍ରଦାନ କରିବା ନିମନ୍ତେ ଜଳବାୟୁ-ପ୍ରତିରୋଧୀ ଭବିଷ୍ୟତ ନିର୍ମାଣ କରିବାକୁ ଉଦ୍ୟମ କରିବା ଉଚିତ । ପ୍ୟାରିସ୍ ଜଳବାୟୁ ରାଜିନାମାକୁ ଏହା ଭିତରେ ପାଚଂବର୍ଷ ପୂରିବାକୁ ବସିଲାଣି । ସୁଖର କଥା ଯେ ଏହି ରାଜିନାମା ଅନୁସାରେ ଭାରତ ତା'ର ଲକ୍ଷ୍ୟ ହାସଲ କରିବା ପାଇଁ ଏକ କମିଟି ଗଠନ କରିଛି । ତେବେ ବିଶ୍ୱର ଅନ୍ୟ ରାଷ୍ଟ୍ରମାନେ ଯେ ପର୍ଯ୍ୟନ୍ତ ବାୟୁମଣ୍ଡଳକୁ ଅଙ୍ଗାରକ ଭଳି ବିଭିନ୍ନ ପ୍ରଦୂଷଣକାରୀ ଉପାଦାନଗୁଡ଼ିକର ନିର୍ଗମନର ମାତ୍ରାକୁ ହ୍ରାସ ନ କରିଛନ୍ତି, ସେ ଯାଏଁ ବିଶ୍ୱ ଜଳବାୟୁ ଅବସ୍ଥାରେ ପରିବର୍ତ୍ତନ ଦେଖା ଦେବାର ସମ୍ଭାବନା କ୍ଷୀଣ । ଅପର ପକ୍ଷରେ ଭାରତ ମଧ୍ୟ ଶକ୍ତି ନିମନ୍ତେ କୋଇଲା ଉପରେ ନିର୍ଭରଶୀଳତାକୁ ହ୍ରାସ କରିବା ସହିତ ଅନ୍ୟାନ୍ୟ ପ୍ରାକୃତିକ ସମ୍ବଳର ଉତ୍ସଗୁଡ଼ିକ ପ୍ରତି କ୍ଷତି ପହଚାଂଉ ଥିବା ପ୍ରକଳ୍ପଗୁଡ଼ିକରେ ପୁଞ୍ଜିନିବେଶ ବନ୍ଦ କରିବା ବିଧେୟ । ପରିବର୍ତ୍ତେ ଏହା ଜଳବାୟୁ-ପ୍ରତିରୋଧୀ ଭିତିଭୂମି ନିର୍ମାଣ, ସବୁଜ ପରିବହନ, ପରିପୋଷଣୀୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶର ପରିମାଣ ବୃଦ୍ଧି କରିବା ଆବଶ୍ୟକ । କେବଳ ଏତିକି ନୁହେଁ, ଏସବୁ ପ୍ରକଳ୍ପ ଯେପରି ଉପଯୁକ୍ତ ଭାବରେ କାର୍ଯ୍ୟକାରୀ ହେଉଛି, ତା' ଉପରେ ତୀକ୍ଷ୍ଣ ନଜର ରଖିବା ଅତ୍ୟାବଶ୍ୟକ । ସର୍ବୋପରି ୨୦୩୦ ସୁଦ୍ଧା ଭାରତ ତା'ର ଉଦ୍ଦେଶ୍ୟମୂଳକ ରାଷ୍ଟ୍ରୀୟ ପ୍ରତିଶ୍ରୁତିବଦ୍ଧ ଅବଦାନର ଲକ୍ଷ୍ୟ ହାସଲ କରିବା ନିମନ୍ତେ ଚେଷ୍ଟିତ ହେବା ଉଚିତ ।

## ବହୁବଚନ : ପ୍ରତିମା ଓ ପ୍ରତୀକ

### ବିଜୟ ନାୟକ

ଦେଶ ଏକ ନାମବାଚକ ଶବ୍ଦ କେବଳ ନୁହେଁ, ଗୁଣବାଚକ ଅବଧାରଣ ମଧ୍ୟ । କାନ୍ଥରେ ଟଙ୍ଗା ହୋଇଥିବା ମାନଚିତ୍ର କ'ଣ ଦେଶ ? ନା, ମାନଚିତ୍ର ଆଢୁଆଳରେ ଥିବା ଜୀବନ ପ୍ରବାହ ହିଁ ଦେଶର ସ୍ପନ୍ଦନ । ଏହି ପରିପ୍ରେକ୍ଷୀରେ ଭାରତ କହିଲେ କ'ଣ କେତୋଟି ପ୍ରଦେଶ ଓ କେନ୍ଦ୍ରଶାସିତ ଅଚଂଳର ସମାହାର ମାତ୍ର ? ଏହା ଅବଶ୍ୟ ଭାରତର ଭୌତିକ ଅବସ୍ଥିତି । କିନ୍ତୁ ଭାରତ କହିଲେ ପୃଥିବୀର ସର୍ବବୃହତ୍ ଗଣରାଜ୍ୟ ଓ ସବୁଠୁଁ ବଡ଼ ସଂବିଧାନକୁ ବୁଝାଏ । ବୁଝାଏ ମଧ୍ୟ ଗଣତନ୍ତ୍ରର ଆଦିଭୂମିକୁ ଏବଂ ବେଦ, ଉପନିଷଦ, ରାମାୟଣ ଓ ମହାଭାରତର ସର୍ଜନା କ୍ଷେତ୍ରକୁ । ନାନାବିଧ କଳା, କାରିଗରି, ଜ୍ଞାନ ଓ ବିଜ୍ଞାନର ଉତ୍ପତ୍ତିସ୍ଥଳୀ ବି ଭାରତ । ଭାରତର ଏବଂ ସେହିକ୍ରମରେ ଯେ କୌଣସି ଦେଶର ଗୁଣ, ଗରିମା, ସ୍ଥିତି ଓ ଗତିକୁ ଅତି ସଂକ୍ଷେପରେ ପରିପ୍ରକାଶ କରିବାର ଉପାୟ କ'ଣ ? ଏହି ପରିପ୍ରକାଶ ପୁଣି ଏପରି ହେବା ଆବଶ୍ୟକ ଯାହା ସେହି ଦେଶର ପରିଚୟକୁ ପ୍ରଗାଢ଼ ଓ ପ୍ରାଞ୍ଜଳ କରୁଥିବ । କୌଣସି ଏକ ଦେଶ ଅଛି କି ପୃଥିବୀରେ ଯାହାର ଜାତୀୟ ପତାକା ନାହିଁ ? ଜାତୀୟ ସଙ୍ଗୀତ ନାହିଁ ? ଜାତୀୟ ପ୍ରତୀକ ବା ଏମ୍ବଲମ୍ ନାହିଁ ? ପ୍ରତି ଦେଶ ନିଜର ପତାକା, ସଙ୍ଗୀତ ଓ ପ୍ରତୀକ ମାଧ୍ୟମରେ ନିଜର ଅସ୍ତିତ୍ୱକୁ ପ୍ରତିପାଦିତ କରେ ଏବଂ ଅସ୍ମିତାକୁ ପ୍ରକଟ କରେ । ଆମ ପତାକାର ତିନି ରଙ୍ଗ ଗୈରିକ, ଧବଳ ଓ ସବୁଜ ଯଥାକ୍ରମେ ସାହସ, ଶାନ୍ତି ଓ ଭ୍ରାତୃତ୍ୱର ସନ୍ଦେଶ ବହନ କରନ୍ତି ଏବଂ ମଧ୍ୟସ୍ଥ ଅଶୋକ ଚକ୍ର ବା ଧର୍ମ ଚକ୍ର ନିରନ୍ତର ପ୍ରଗତିର ପରିଚାୟକ । ସେହିପରି ଆମ 'ଜାତୀୟ ସଙ୍ଗୀତ' ବିବିଧତାରେ ଏକତାର ମନ୍ଦ୍ର ଧ୍ୱନି ତ ଆମ 'ଜାତୀୟ ଗୀତିକା' ଦେଶ ବନ୍ଦନାର ମଧୁର ମୂର୍ଚ୍ଛନା । ଆଉ ଭାରତ ଶାସନର ପ୍ରତୀକ ? ସାରନାଥର ଐତିହାସିକ ଅଶୋକ ସ୍ତମ୍ଭ ଆମ ମହାଜାତୀୟତାର ସଙ୍କେତ । ସେଥିରେ ଖୋଦିତ ଚାରିଗୋଟି ସିଂହ ମୂର୍ତ୍ତି ଶକ୍ତି, ସାହସ, ସ୍ୱାଭିମାନ ଓ ଆସ୍ଥାର ପ୍ରତୀକ ତ ତହିଁ ଉଲ୍ଲିଖିତ 'ସତ୍ୟମେବ ଜୟତେ' ବାଣୀ ମୁଣ୍ଡକ ଉପନିଷଦରୁ ଆନୀତ, ଯାହାର ଅର୍ଥ ସତ୍ୟର ବିଜୟ ଅବଶ୍ୟମ୍ଭାବୀ । ଆମ ପତାକା, ସଙ୍ଗୀତ ଓ ପ୍ରତୀକରେ ଭାରତର ସଭ୍ୟତାଗତ ଶାଶ୍ୱତ ମୂଲ୍ୟବୋଧର ପ୍ରତିଫଳନ ପରିଦୃଷ୍ଟ ହୁଏ । ଓଡ଼ିଶା ଶାସନର ପ୍ରତୀକ ମଧ୍ୟ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଜାତୀୟ ଚିହ୍ନକୁ ଅକ୍ଷତ ରଖାଯାଇ କୋଣାର୍କର ଅଶ୍ୱ ଅଙ୍କିତ ଏହି ପ୍ରତୀକରେ । ଉଲ୍ଲେଖନୀୟ ଯେ ଅଶ୍ୱ ଦିଗ୍‌ବିଜୟର ସ୍ମାରକ । ଏମିତି ପୃଥିବୀର ପ୍ରତି ଦେଶର ପ୍ରତୀକ ତା'ର ପରିଚୟ । ଯୁକ୍ତରାଷ୍ଟ୍ର ଆମେରିକାର ଜାତୀୟ ପତାକାରେ ପଚାଶଟି ତାରକା ସ୍ଥାନିତ । ପଚାଶଟି ତାରକା ପଚାଶଗୋଟି ରାଜ୍ୟର ପ୍ରତିନିଧିତ୍ୱ କରନ୍ତି । ହିନ୍ଦୁବହୁଳ ନେପାଳର ଜାତୀୟ ପତାକା ହିନ୍ଦୁ ମନ୍ଦିରର ଧ୍ୱଜା ପରି । ସେମିତି ଶ୍ରୀଲଙ୍କାର ପତାକାରେ ତା'ର ପୂର୍ବନାମ ସିଂହଳ ଅନୁଯାୟୀ ଅଙ୍କିତ ସିଂହ ଚିହ୍ନ ଶୌର୍ଯ୍ୟର ନିଦର୍ଶନ । ତୁର୍କୀ, ମାଲେସିଆ, ଆଲଜେରିଆ ଆଦି ଦେଶର ପତାକାରେ ଅର୍ଦ୍ଧ ଚନ୍ଦ୍ର ସହିତ ତାରକା ଖଚିତ ଯାହା ସେହି ଦେଶର ଧର୍ମ, ସଂସ୍କୃତି ଓ ସାହିତ୍ୟର ପ୍ରତିବିମ୍ବ । ଜାପାନର ଜାତୀୟ ପତାକା ମଣ୍ଡିତ ସୂର୍ଯ୍ୟ ସେ ଦେଶର ସୁଦୀର୍ଘ ସୂର୍ଯ୍ୟ ଉପାସନା ପରମ୍ପରାର ଦ୍ୟୋତକ । ଦେଶ ବ୍ୟତୀତ ପ୍ରସିଦ୍ଧ ଜାତୀୟ ଓ ଅନ୍ତର୍ଜାତୀୟ ଅନୁଷ୍ଠାନଗୁଡ଼ିକର ମଧ୍ୟ ନିଜସ୍ୱ ପତାକା ଓ ପ୍ରତୀକ ରହିଛି । ମିଳିତ ଜାତିସଂଘ ପୃଥିବୀବାସୀଙ୍କର ଏକ ସୁଦୃଢ଼ ସଙ୍ଗଠନ । ଏହି ସଂସ୍ଥାର ପତାକାରେ ଚିତ୍ରିତ ନୀଳ ଆକାଶର ମଧ୍ୟଭାଗରେ ସମଦୂରତ୍ୱ ନୀତି ଆଧାରିତ ପୃଥିବୀର ମାନଚିତ୍ର । ପତାକାଟି ବିଶ୍ୱ ଶାନ୍ତି, ବୈଶ୍ୱିକ ଏକତା ଓ ଆନ୍ତର୍ଜାତିକ ସହଯୋଗ ପରି ଉଚ୍ଚ ଆଦର୍ଶର ବାହକ । ଦେଶ ଓ ବିଦେଶର ପ୍ରାୟ ସବୁ ବିଶ୍ୱବିଦ୍ୟାଳୟର ନିଜର ପ୍ରତୀକ ବା ଲୋଗୋ ରହିଛି । ଏପରି ପ୍ରତୀକରେ କେଉଁଠି ଲେଖନୀ ଓ ପୁସ୍ତକ ତ କେଉଁଠି ପ୍ରଦୀପ ପୁଣି ଆଉ କେଉଁଠି ସମୁଦ୍ର ତରଙ୍ଗ ବା ପର୍ବତମାଳାର ଚିତ୍ର ସୃଜିତ ।ଲୋଗୋଗୁଡ଼ିକରେ ବିଶ୍ୱବିଦ୍ୟାଳୟର ଆଦର୍ଶ ଓ ଆଭିମୁଖ୍ୟ ଅନୁରୂପ ଧ୍ୟେୟବାକ୍ୟ ମଧ୍ୟ ଉଦ୍ଧୃତ । ସୁତରାଂ ଏହିସବୁ ପ୍ରତୀକ ମାଧ୍ୟମରେ ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜନିଜର ଅନନ୍ୟତାକୁ ପରିପ୍ରକାଶ କରନ୍ତି । ପ୍ରତିମାରୁ ପ୍ରତୀକର ପ୍ରୟୋଗ ଶିକ୍ଷା କରାଯାଇଥିବା ଅନୁମାନ ନିରାଧାର ନୁହେଁ । ଅନେକ ଧର୍ମରେ ପ୍ରତିମା ପୂଜାର ବିଧି ନାହିଁ । ସେହି ସମସ୍ତ ଧର୍ମ ଦୃଷ୍ଟିରେ ଈଶ୍ୱର ସର୍ବବ୍ୟାପୀ, ତେଣୁ ସ୍ୱରୂପର ଊର୍ଦ୍ଧ୍ୱରେ । ହିନ୍ଦୁ ଦର୍ଶନରେ ମଧ୍ୟ ଈଶ୍ୱରଙ୍କୁ ଅନାଦି, ଅନନ୍ତ ଓ ନିରାକାର ଭାବରେ ବର୍ଣ୍ଣନା କରାଯାଇଛି ଯେମିତି 'ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଶୂନ୍ୟ ମଧ୍ୟେ ନିରାକାର' ବା 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ' ଇତ୍ୟାଦି । କିନ୍ତୁ ସାଧାରଣ ଜନତା ଶୂନ୍ୟ ସହିତ ସଂଯୁକ୍ତ ହେବା କଷ୍ଟକର ବ୍ୟାପାର । ଭକ୍ତ ଓ ଭଗବାନ ମଧ୍ୟରେ ସଂଯୋଗକୁ ସୁଗମ କରିବା ପାଇଁ ଭାରତର ମୁନିଋଷିମାନେ ଅସୀମକୁ ସୀମାବଦ୍ଧ କରିଛନ୍ତି ଏବଂ ନିରାକାରକୁ ଆକାର ପ୍ରଦାନ କରିଛନ୍ତି । ଅତଏବ, ହିନ୍ଦୁ ଦର୍ଶନରେ ଚିତ୍ର ଅନେକ କଥା କହେ, ପ୍ରତିମା ଉହାଡ଼ରେ ଥାଏ ପ୍ରତିଷ୍ଠା ଓ ପରାକାଷ୍ଠାର ଇତିବୃତ୍ତ । ଅବଶ୍ୟ ଜୈନ ଓ ବୌଦ୍ଧଧର୍ମରେ ପ୍ରତିମା ପୂଜାର ବିଧି ବିଦ୍ୟମାନ । କ୍ରୁଶବିଦ୍ଧ ଯୀଶୁ, ମାତା ମ୍ୟାରି ଓ ଖ୍ରୀଷ୍ଟଧର୍ମର କତିପୟ ବିଶିଷ୍ଟ ସନ୍ଥଙ୍କ ଚିତ୍ର ଓ ପ୍ରତିମା ଗୀର୍ଜା ଆଦିରେ ପ୍ରଦର୍ଶିତ ହୋଇଥିବା ପରିଲକ୍ଷିତ ହୁଏ । କିନ୍ତୁ ଈଶ୍ୱରଙ୍କ ଅଦୃଶ୍ୟ ଅଥଚ ସର୍ବବିଦ୍ୟମାନ ସତ୍ତାକୁ ପ୍ରତିମା ମାଧ୍ୟମରେ ପ୍ରମୂର୍ତ୍ତ କରିବା ପୃଥିବୀର ଜ୍ଞାନ ଭଣ୍ଡାରକୁ ଭାରତୀୟ ମୁନିମନୀଷାର ଅପୂର୍ବ ଅବଦାନ । ସ୍ଥୂଳ ସ୍ଥିତି ସାଙ୍ଗକୁ ସୂକ୍ଷ୍ମ ସାଂସ୍କୃତିକ ବିଭବ ଯେ କୌଣସି ଦେଶର ନିତ୍ୟ ଭୂଷଣ । ତାହାକୁ ଭିତିକରି ଚିତ୍ର ମାଧ୍ୟମରେ ସ୍ୱଦେଶର ପରିଚୟ ପ୍ରତିଷ୍ଠା କରିବା ପାଇଁ ଜାତୀୟ ପତାକା, ଜାତୀୟ ପ୍ରତୀକ ଓ ଜାତୀୟ ସଙ୍ଗୀତ ଆଦିର ସର୍ଜନା । ଚରିତ୍ରକୁ ଚିତ୍ର ମାଧ୍ୟମରେ ପ୍ରକାଶ କରିବାର କଳା ପୃଥିବୀ ଭାରତଠାରୁ ଶିକ୍ଷା କରିଛି କୁହାଯିବା ଯୁକ୍ତିଯୁକ୍ତ ମନେ ହୁଏ ।

## ଆଶାର ଗବାକ୍ଷ : ନାରୀ ସମ୍ମାନର ପୁନଃସ୍ମରଣ

### ଗୌରଚନ୍ଦ୍ର ତ୍ରିପାଠୀ

ନିକଟରେ, ପୁଣେରେ ଆୟୋଜିତ ଏକ ସଭାରେ ଯୁବତୀମାନଙ୍କୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ କହିଲେ, "ତୁମ ଉପରେ ତୁମ ନିଜ ବ୍ୟତୀତ ଅନ୍ୟ କାହାର ମାଲିକାନା ନାହିଁ ।" ଏହା ପଛରେ ଥିବା ଚିନ୍ତାଧାରା ଆମ ଚେତନାକୁ ଆନ୍ଦୋଳିତ କରିଛି । ଯଦି ଜଣେ ନାରୀର ପରିଚୟ ତା'ର ପିତା, ସ୍ୱାମୀ, ଭାଇ କିମ୍ବା ପୁତ୍ର ସହିତ ଜଡ଼ିତ ସମ୍ପର୍କ ଦ୍ୱାରା ନିରୂପିତ ନ ହୋଇ ନିଜସ୍ୱ ବୋଲି ବିବେଚିତ ହୁଏ, ତେବେ କ'ଣ ହେବ ? ହୁଏତ ରାହୁଲଙ୍କ ଏହି ବକ୍ତବ୍ୟ ନିଜ ଅତୀତକୁ ଆଉ ଥରେ ଫେରି ଦେଖିବା ପାଇଁ ଏକ ଆହ୍ୱାନ । ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ସଭ୍ୟତା 'ଶକ୍ତି'ର ଆରାଧନା କରିଆସିଛି- ସେହି ନାରୀ ଶକ୍ତି ଯିଏ ସୃଷ୍ଟି, ସ୍ଥିତି ଓ ବିନାଶର କାରଣ । ଭାରତୀୟ ଦର୍ଶନରେ 'ପ୍ରକୃତି' ନିଜେ ମାତୃସ୍ୱରୂପା, ଯାହା ଦ୍ୱାରା ସମଗ୍ର ବ୍ରହ୍ମାଣ୍ଡର ସୃଷ୍ଟି, ସଂରକ୍ଷିତ ଓ ରୂପାନ୍ତରିତ ହୁଏ । ନାରୀ ଶକ୍ତିର ଅଧୀନ ନୁହେଁ, ସେ ନିଜେ ହିଁ ଶକ୍ତି । ସରସ୍ୱତୀ ଜ୍ଞାନର, ଲକ୍ଷ୍ମୀ ସମୃଦ୍ଧିର ଏବଂ ଦୁର୍ଗା ସାହସର ପ୍ରତୀକ । ମହାଭାରତରେ କୁହାଯାଇଛି 'ନାସ୍ତି ମାତୃସମା ଛାୟା, ନାସ୍ତି ମାତୃସମା ଗତିଃ', ଅର୍ଥାତ୍ ମାତାଙ୍କ ପରି ଛାୟା ନାହିଁ, ମାତାଙ୍କ ପରି ଗତି ନାହିଁ । ପ୍ରଭୁ ଶ୍ରୀରାମ ମଧ୍ୟ ଜନନୀଙ୍କୁ ସ୍ୱର୍ଗଠାରୁ ଉଚ୍ଚ ସ୍ଥାନ ଦେଇଛନ୍ତି । ମହେଞ୍ଜୋଦାରୋ ଓ ହରପ୍ପାର ମାଟି ଗର୍ଭରୁ ମିଳିଥିବା ନାରୀ ମୂର୍ତ୍ତି ଓ ପ୍ରଜନନ ପ୍ରତୀକଗୁଡ଼ିକ ପ୍ରାଚୀନ ଭାରତରେ ସମ୍ଭାବ୍ୟ ନାରୀ-ପ୍ରଧାନ ପରମ୍ପରାର ପ୍ରମାଣ ଦିଏ । ଉପନିଷଦ ବର୍ଣ୍ଣିତ ଗାର୍ଗୀ, ମୈତ୍ରେୟୀ ଓ ଲୋପାମୁଦ୍ରାଙ୍କ ଚରିତ୍ର ନାରୀର ଜ୍ଞାନ, ବୌଦ୍ଧିକ ସ୍ୱାଧୀନତା ଓ ସାମାଜିକ ଉପସ୍ଥିତିର ଉଜ୍ଜ୍ୱଳ ପରମ୍ପରାର ସଙ୍କେତ ଦିଏ । ସ୍ୱାମୀ ବିବେକାନନ୍ଦ ନାରୀ ଜାଗରଣକୁ ଜାତୀୟ ପ୍ରଗତିର ମୂଳଦୁଆ ମନେ କରୁଥିବାବେଳେ ଗାନ୍ଧୀଜୀ ନାରୀମାନଙ୍କ ମଧ୍ୟରେ ଅସୀମ ନୈତିକ ବଳ ଦେଖିଛନ୍ତି । କିନ୍ତୁ ମାତୃପ୍ରଧାନ ବ୍ୟବସ୍ଥାର ପରିକଳ୍ପନା ମନରେ ଏକ ପ୍ରଶ୍ନ ସୃଷ୍ଟି କରେ- ନାରୀକୁ ସମ୍ପୂର୍ଣ୍ଣ ଶକ୍ତିର ଆଧାର ଭାବେ ପରିଗଣିତ କରିବା କେତେ ଯୁକ୍ତିଯୁକ୍ତ ସାଧାରଣତଃ ମାତୃପ୍ରଧାନ ବ୍ୟବସ୍ଥାକୁ ପିତୃପ୍ରଧାନ ବ୍ୟବସ୍ଥାର ବିପରୀତ ବୋଲି ଧରି ନିଆଯାଏ, ଯେଉଁଠି ମହିଳାମାନେ ପୁରୁଷମାନଙ୍କ ଉପରେ ଶାସନ କରନ୍ତି । କିନ୍ତୁ ମାନବ ବିଜ୍ଞାନ ଅନୁସାରେ, ଏହା ଏପରି ଏକ ନାରୀ-କୈନ୍ଦ୍ରିକ ସାମାଜିକ ବ୍ୟବସ୍ଥା, ଯେଉଁଠାରେ ମାତୃତ୍ୱର କର୍ତ୍ତୃତ୍ୱ, ମାତୃବଂଶାନୁକ୍ରମ ଓ ଉତ୍ତରାଧିକାରକୁ ପ୍ରାଧାନ୍ୟ ଦିଆଯାଏ । ଭାରତରେ ଆଜି ମଧ୍ୟ ଖାସି, ଗାରୋ ଭଳି ସମ୍ପ୍ରଦାୟ ମଧ୍ୟରେ ଏହି ପ୍ରଥା ଜୀବିତ ଅଛି । ଦୁଃଖର ବିଷୟ, ସମୟକ୍ରମେ ନାରୀକୁ ପ୍ରକୃତିର ପ୍ରତିରୂପ ଭାବେ ଦେଖିଥିବା ସମାଜରେ ନାରୀର ହିଁ ସାମାଜିକ ସ୍ୱାଧୀନତା ସଙ୍କୁଚିତ ହୋଇଛି; ଅବଳା, ଦୁର୍ବଳା ଓ ନିର୍ଭରଶୀଳା ଭାବେ ଏକ ନୂତନ ପରିଚୟ ଗଢ଼ି ଉଠିଛି । ନାରୀର ପରିଚୟ କାହାର ଝିଅ, ସ୍ତ୍ରୀ, ଭଉଣୀ କିମ୍ବା ମା' ଭାବେ ସଙ୍କୁଚିତ ହୋଇଛି । ଏବେ ମଧ୍ୟ ଆମ ଦେଶରେ ଜନ୍ମ ପୂର୍ବରୁ ଭ୍ରୂଣ ହତ୍ୟା ଠାରୁ ଆରମ୍ଭ କରି ଶିକ୍ଷା, ପୋଷଣ, ମଜୁର, ସମ୍ପତି ଓ ସୁରକ୍ଷା ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ନାରୀ ଅସମାନତାର ସମ୍ମୁଖୀନ ହେଉଛନ୍ତି । ସାମ୍ପ୍ରତିକ ସମୟରେ ସୋନିଆ ଗାନ୍ଧୀ ହୁଅନ୍ତୁ ଅବା କଙ୍ଗନା ରାଣାଓ୍ୱତ, ନାରୀଙ୍କ ପ୍ରତି ଅଶାଳୀନ ଆଚରଣ ଓ ଅପମାନଜନକ ଭାଷାର ପ୍ରୟୋଗ ଭାରତୀୟ ସଂସ୍କୃତିକୁ ନିନ୍ଦିତ କରିଛି । ଏହି ପରିପ୍ରେକ୍ଷୀରେ ରାହୁଲ ଗାନ୍ଧୀଙ୍କ ବକ୍ତବ୍ୟ ଏହି ପାରମ୍ପରିକ ମଧ୍ୟଯୁଗୀୟ ମନୋଭାବକୁ ଚ୍ୟାଲେଞ୍ଜ କରିଛି । ଏହାର ଅର୍ଥ ହେଉଛି, ଶିକ୍ଷା, ବୃତି, ବିବାହ, ସମ୍ପତି, ରାଜନୈତିକ ଭାଗୀଦାରି, ପୋଷାକ, ସମ୍ପର୍କ ଏବଂ ସର୍ବୋପରି ନିଜ ଶରୀର ଉପରେ ସମ୍ପୂର୍ଣ୍ଣ ସ୍ୱାଧୀନତା ନାରୀର ନିଜ ହାତରେ ରହିବା ଆବଶ୍ୟକ । କୌଣସି ପରିସ୍ଥିତିରେ ନାରୀର ସମ୍ମାନ ସହିତ ସାଲିସ ସହନୀୟ ନୁହେଁ । ଏହି ପୃଷ୍ଠଭୂମି ହିଁ ଆଧୁନିକ ନାରୀବାଦର ମୌଳିକ ପ୍ରଶ୍ନକୁ ଜାଗରଣ କରେ: ଜଣେ ନାରୀର ନିଜସ୍ୱ ପରିଚୟ କ'ଣ ? ଜେନ-ଜିର ଶାଣିତ ସ୍ୱର ପୁରୁଷପ୍ରାଧାନ୍ୟ ସାମାଜିକ ପରମ୍ପରା, ଅସମାନତା ଓ ବଂଶଗତ ଶ୍ରେଣୀ ବିଭାଗର ମୂଲ୍ୟବୋଧକୁ ପ୍ରଶ୍ନ କରୁଛି । କିନ୍ତୁ ଗୋଟିଏ ଭୁଲ୍‌ର ସମାଧାନ ଅନ୍ୟ ଏକ ଭୁଲ୍‌ରେ ହୁଏ ନାହିଁ । ପିତୃପ୍ରଧାନ ସମାଜ ବଦଳରେ ମାତୃପ୍ରଧାନ ସମାଜ ବ୍ୟବସ୍ଥା କେବଳ ଶାସନର ରୂପରେଖ ବଦଳାଇବ, ସମସ୍ୟାର ସମାଧାନ କରିବ ନାହିଁ । ପ୍ରଭୁତ୍ୱ ନୁହେଁ, ଆବଶ୍ୟକ ହେଉଛି ଭାରତୀୟ ଅର୍ଦ୍ଧନାରୀଶ୍ୱର ଦର୍ଶନରେ ନିହିତ ସହଭାଗିତା ଓ ପରସ୍ପରର ପରିପୂରକତା । ଆବଶ୍ୟକ ହେଉଛି ଏଭଳି ଏକ ସମାଜ, ଯେଉଁଠାରେ ନାରୀକୁ ନିଜର ପରିଚୟ ସୃଷ୍ଟି କରିବା ପାଇଁ କାହାର ଅନୁମତି ଲୋଡ଼ା ନାହିଁ; ଯେଉଁଠାରେ ସମାନତା କାହାରି ଦୟା ନୁହେଁ, ବରଂ ଏକ ଅଧିକାର; ଏବଂ ଯେଉଁଠାରେ ନାରୀ ଶକ୍ତିକୁ କେବଳ ପ୍ରତୀକାତ୍ମକ ସମ୍ମାନ ବଦଳରେ ବାସ୍ତବରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷମତାରେ ସମାନ ଭାଗୀଦାରି ଦିଆଯିବ । ରାହୁଲ ଗାନ୍ଧୀଙ୍କ ପରିବର୍ତ୍ତନର ଶଙ୍ଖନାଦ ନାରୀ ଶକ୍ତିର ଧାରଣାକୁ ଆଜି ନୂଆ କରି ଆବିଷ୍କାର କରୁ ନାହିଁ । ବାସ୍ତବରେ ନାରୀର ଶକ୍ତି ନୂଆ ନୁହେଁ, ନୂଆ ହେଉଛି ନାରୀର ଶକ୍ତିକୁ ତା' ଅଧିକାର ଭାବେ ସ୍ୱୀକାର କରିବା । ଏହି ଚିନ୍ତନ ଆମ ମନରେ ପୁଣି ଥରେ ଆଶା ସୃଷ୍ଟି କରିଛି ଯେ, ଆମେ ପାରମ୍ପରିକ କ୍ଷମତା ଗଠନକୁ ବଦଳାଇ ପାରିବା, ବିବିଧତାକୁ ଆପଣେଇ ପାରିବା ଏବଂ ଏକ ନ୍ୟାୟପୂର୍ଣ୍ଣ ସମାଜ ପାଇଁ ନାରୀତ୍ୱର ସନ୍ତୁଳିତ ଶକ୍ତିକୁ ପୁନରୁଦ୍ଧାର କରିପାରିବା । ଦେଶର ଭବିଷ୍ୟତ ପୁରୁଷଙ୍କ ସ୍ଥାନରେ ମହିଳାଙ୍କୁ ବସାଇବାରେ ନୁହେଁ; ବରଂ ଅର୍ଦ୍ଧନାରୀଶ୍ୱର ପରି ସମାନ-ସମାନ ଭାବେ ପରସ୍ପରର ଶକ୍ତି ହୋଇ ଆଗକୁ ବଢ଼ିବାରେ ।

## ସହଭାଗୀ ନାଗରିକତା : ରାଷ୍ଟ୍ର ନିର୍ମାଣରେ ଭାରତୀୟ ମୁସଲମାନଙ୍କ ଭୂମିକା

### ଅଲତାଫ୍ ମିର୍

ବିବିଧତା ଦୃଷ୍ଟିରୁ ଭାରତ ବିଶ୍ୱର ଏକ ଅନ୍ୟତମ ଦେଶ ଯେଉଁଠାରେ ବିଭିନ୍ନ ଧର୍ମ, ଭାଷା, ସଂସ୍କୃତି ଏବଂ ପରମ୍ପରାର ଲୋକମାନେ ବସବାସ କରନ୍ତି । ଶତାବ୍ଦୀ ଧରି ଦେଶର ସାମାଜିକ, ଅର୍ଥନୈତିକ, ବୌଦ୍ଧିକ ଏବଂ ସଂସ୍କୃତି କ୍ଷେତ୍ରରେ ବିଭିନ୍ନ ସମ୍ପ୍ରଦାୟର ଅବଦାନରେ ଏହି ବିବିଧତାର ଅଭିବୃଦ୍ଧି ହୋଇଛି । ଭାରତୀୟ ମୁସଲମାନମାନେ ଏହି ଐତିହାସିକ ଯାତ୍ରାର ଏକ ଅବିଚ୍ଛେଦ୍ୟ ଅଂଶ । ସ୍ଥାପତ୍ୟ, ସାହିତ୍ୟ, ବାଣିଜ୍ୟ, ଶିକ୍ଷା, ପ୍ରଶାସନ ଏବଂ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କର ଅବଦାନ ରହିଛି । ଭାରତ ଏକ ବିକଶିତ ରାଷ୍ଟ୍ର ହେବା ଲକ୍ଷ୍ୟରେ ଆଗକୁ ବଢୁଥିବା ବେଳେ ପ୍ରଶ୍ନ କେବଳ ଏତିକି ନୁହେଁ ଯେ ଭାରତୀୟ ମୁସଲମାନମାନେ ଭବିଷ୍ୟତ ଭାରତରେ କିପରି ସ୍ଥାନ ପାଇବେ; ବରଂ ଏକ ଶକ୍ତିଶାଳୀ, ସମାବେଶୀ ଓ ସମୃଦ୍ଧ ଭାରତ ଗଠନରେ ସେମାନେ ଆହୁରି କିପରି ଅବଦାନ ରଖିପାରିବେ, ତାହା ଚିନ୍ତ୍ୟମାନ । ଏହି ପରିପ୍ରେକ୍ଷୀରେ ସାଧାରଣ ନାଗରିକତାର ଧାରଣା ଏକ ଗୁରତ୍ୱପୂର୍ଣ୍ଣ ଦିଗ ଦେଇଥାଏ । ଅର୍ଥାତ, ଜାତି, ଧର୍ମ, ଭାଷା ଓ ଅଚଂଳ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କର ଅଧିକାର ସହିତ ସମାନ ଦାୟିତ୍ୱ ମଧ୍ୟ ରହିଛି । ନାଗରିକତା ମାନେ ନୁହେଁ କେବଳ ଅଧିକାର ଉପଭୋଗ କରିବା । ସାମାଜିକ କାର୍ଯ୍ୟରେ ସକ୍ରିୟ ଭାଗନେବା, ଅନ୍ୟମାନଙ୍କ ସେବାକରିବା ଏବଂ ଦେଶର ପ୍ରଗତିରେ ନିଜର ଅବଦାନ ରଖୁବା ଭଳି ଦାୟିତ୍ୱ ତୁଲେଇବା ମଧ୍ୟ ନାଗରିକତାର ଦାୟିତ୍ୱ । ଭାରତୀୟ ମୁସଲମାନମାନଙ୍କ ପାଇଁ ଏହାର ଅର୍ଥ ହେଉଛି ଶିକ୍ଷା, ଆର୍ଥିକ ବିକାଶ, ସାମାଜିକ ସେବା, ସାର୍ବଜନୀନ ଜୀବନ ଓ ସମୁଦାୟର କଲ୍ୟାଣ ଭଳି କାର୍ଯ୍ୟରେ ସକ୍ରିୟ ଭୂମିକା ନେବା । ଶିକ୍ଷା ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯେଉଁଥିରେ ସମ୍ପ୍ରଦାୟର ଅବଦାନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଆଜିର ଭାରତରେ ଉନ୍ନତ ନିଯୁକ୍ତି, ଆର୍ଥିକ ସୁଯୋଗ ଓ ନେତୃତ୍ୱର ବିକାଶ ପାଇଁ ଶିକ୍ଷା ଅପରିହାର୍ଯ୍ୟ । ଗୁଣାତ୍ମକ ଶିକ୍ଷା, ବୈଜ୍ଞାନିକ ଚିନ୍ତାଧାରା, ବୃତ୍ତିଗତ ପାଠ୍ୟକ୍ରମ ଓ ବୈଷୟିକ ଦକ୍ଷତା ଉପରେ ଅଧିକ ଗୁରୁତ୍ୱ ଦିଆଗଲେ ଯୁବପିଢ଼ି ନିଜପାଇଁ ଉନ୍ନତ ଭବିଷ୍ୟତ ଗଢ଼ିପାରିବେ । ମୁସଲମାନ ସମ୍ପ୍ରଦାୟର ଶିକ୍ଷକ, ଗବେଷକ, ବିଦ୍ୟାନ ଓ ବିଭିନ୍ନ ପେସାରେ ନିୟୋଜିତ ବ୍ୟକ୍ତିମାନେ ମଧ୍ୟ ଭାରତର ବୌଦ୍ଧିକ ଓ ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ ଯୋଗଦାନ କରିପାରିବେ । ତେଣୁ ଶିକ୍ଷାକୁ ସମର୍ଥନ କରିବା ଦ୍ୱାରା ବ୍ୟକ୍ତି ଏବଂ ପରିବାର ସହିତ ସମଗ୍ର ସମାଜର ମଙ୍ଗଳ ହୋଇଥାଏ ଆର୍ଥିକ କ୍ଷେତ୍ରରେ ସକ୍ରିୟ ଭାଗିଦାରୀ ମଧ୍ୟ ସମାନ ଗୁରୁତ୍ୱ ବହନ କରେ । ଦେଶର ବିଭିନ୍ନ ଅଚଂଳରେ ମୁସଲମାନ ଉଦ୍‌ୟୋଗୀ, କାରିଗର, ବ୍ୟବସାୟୀ, ପେସାଦାର ଓ ଶ୍ରମଜୀବୀମାନେ ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରୁଛନ୍ତି । ଉଦ୍‌ୟୋଗିତା, ନୂତନ ପ୍ରଯୁକ୍ତି, ନବସୃଜନ ଓ ଆଧୁନିକ ଦକ୍ଷତାକୁ ଅଧିକ ପ୍ରୋତ୍ସାହନ ଦିଆଗଲେ ନିଯୁକ୍ତି ଓ ଆର୍ଥିକ ସୁଯୋଗ ବଢ଼ିପାରିବ । ଯୁବପିଢ଼ିଙ୍କୁ ନିଜର ବ୍ୟବସାୟ ଓ ଉଦ୍‌ୟୋଗ ପ୍ରତିଷ୍ଠା କରିବାକୁ ଉତ୍ସାହିତ କାରାଯିବା ଆବଶ୍ୟକ । ଏପରି ଉଦ୍ୟମ ନିଜ ସମୁଦାୟର ଆବଶ୍ୟକତା ପୂରଣ କରିବା ସହିତ ବ୍ୟାପକ ଅର୍ଥନୀତିରେ ମଧ୍ୟ ଯୋଗଦାନ କରିପାରିବ । ଆର୍ଥିକ ସଶକ୍ତିକରଣ ଲୋକମାନଙ୍କୁ ସାର୍ବଜନୀନ ଓ ସାମାଜିକ ଜୀବନରେ ଅଧିକ ଆତ୍ମବିଶ୍ୱାସର ସହ ଭାଗ ନେବାରେ ସୁଯୋଗ ଦେଇଥାଏ । ସମାଜସେବା ହେଉଛି ଅବଦାନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର । ଇସଲାମିକ୍ ଶିକ୍ଷାରେ ଦାନ ଓ ଅଭାବିଙ୍କୁ ସାହାଯ୍ୟ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି । ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଜନକଲ୍ୟାଣ କ୍ଷେତ୍ରରେ ଅନେକ ବ୍ୟକ୍ତି ଓ ସଂଗଠନ ପୂର୍ବରୁ କାର୍ଯ୍ୟ କରୁଛନ୍ତି । ଏହି ପ୍ରୟାସ ସମୁଦାୟର ସୀମା ଅତିକ୍ରମ କରି ସମାଜର ସବୁ ବର୍ଗର ଲୋକଙ୍କ ପାଖରେ ପହଚିଂଲେ ଏହାର ପ୍ରଭାବ ଆହୁରି ବଢ଼ିଥାଏ । ଛାତ୍ରବୃତ୍ତି, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ତାଲିମ ଓ ଅବହେଳିତ ପରିବାରଙ୍କୁ ସହାୟତା କରିବା ଦ୍ୱାରା ସମାଜର ବିଭିନ୍ନ ବର୍ଗ ମଧ୍ୟରେ ବିଶ୍ୱାସ ଓ ସହଯୋଗର ସେତୁ ସୁଦୃଢ଼ ହୋଇଥାଏ । ଧର୍ମୀୟ କିମ୍ବା ସାମାଜିକ ପାର୍ଥକ୍ୟକୁ ପଛରେ ପକାଇ କରୁଣା ଓ ମାନବିକତାକୁ ଗୁରୁତ୍ୱ ଦେବା ହିଁ ପ୍ରକୃତ ସମାଜ ସେବା ।ଏକ ସମାବେଶୀ ଭାରତ ପାଇଁ ଏହାର ବିବିଧ ସମ୍ପ୍ରଦାୟ ମଧ୍ୟରେ ଅଧିକ ପାରସ୍ପରିକ ସମ୍ପର୍କ ଓ ସହଯୋଗ ଆବଶ୍ୟକ । ବହୁଳବାଦ ମାନେ ନୁହେଁ କେବଳ ବିଭିନ୍ନ ସମ୍ପ୍ରଦାୟ ପାଖାପାଖି ରହିବା । ଏହା ଅର୍ଥ ହେଉଛି ପରସ୍ପର ସହ ଯୋଗାଯୋଗ କରିବା, ଏକାଠି କାମ କରିବା ଓ ପରସ୍ପର ଠାରୁ ଶିଖୁବା । ଭାରତୀୟ ମୁସଲମାନମାନେ ଦୀର୍ଘଦିନ ଧରି ଦେଶର ସହଭାଗୀ ସାଂସ୍କୃତିକ ଓ ସାମାଜିକ ଜୀବନର ଏକ ଅଂଶ ହୋଇ ଆସିଛନ୍ତି । ଏହି ପରମ୍ପରାକୁ ପଡ଼ଶୀ, ବିଦ୍ୟାଳୟ, କର୍ମକ୍ଷେତ୍ର, ସାମାଜିକ ପ୍ରତିଷ୍ଠାନରେ ନିୟମିତ ଆଲୋଚନା, ସହଯୋଗ ଓ ପାରସ୍ପରିକ ସମ୍ପର୍କ ମାଧ୍ୟମରେ ଆହୁରି ସୁଦୃଢ଼ କରାଯାଇପାରିବ । ଲୋକମାନେ ପରସ୍ପରକୁ ପୃଥକ ଗୋଷ୍ଠୀ ଭାବେ ନ ଦେଖି ସହ-ନାଗରିକ ଭାବେ ଦେଖିବା ଆରମ୍ଭ କଲେ ସାମାଜିକ ସମନ୍ୱୟ ଓ ଜାତୀୟ ଏକତା ଆହୁରି ମଜବୁତ୍ ସମ୍ବିଧାନ, ସ୍ୱାଧୀନତା, ସମାନତା, ନ୍ୟାୟ ଏବଂ ଭ୍ରାତୃତ୍ୱ ପ୍ରତି ଏହାର ଅବିଚଳ ପ୍ରତିବଦ୍ଧତା ମାଧ୍ୟମରେ ସହଭାଗୀ ନାଗରିକତା ପାଇଁ ଏକ ସାଧାରଣ ଭିତ୍ତି ପ୍ରଦାନ କରେ । ଏହି ମୂଲ୍ୟଗୁଡ଼ିକ କେବଳ ସମ୍ବିଧାନରେ ଉଲ୍ଲେଖିତ ଆଦର୍ଶ ଭାବେ ସୀମିତ ନ ରହି ଆମର ଦୈନନ୍ଦିନ ଆଚରଣ ଓ ପରସ୍ପର ସମ୍ପର୍କ ମାଧ୍ୟମରେ ଅର୍ଥପୂର୍ଣ୍ଣ ହୋଇଥାଏ । ଅନ୍ୟମାନଙ୍କର ମର୍ଯ୍ୟାଦାକୁ ସମ୍ମାନ କରିବା, ଆଇନ ପାଳନ କରିବା, ପକ୍ଷପାତ ଓ ଭେଦଭାବକୁ ପ୍ରତ୍ୟାଖ୍ୟାନ କରିବା ଏବଂ ଗଣତାନ୍ତ୍ରିକ ଜୀବନରେ ଗଠନମୂଳକ ଭାବେ ଅଂଶ ଗ୍ରହଣ କରିବା ନାଗରିକଙ୍କର ସାମୂହିକ ଦାୟିତ୍ୱ । ଅନ୍ୟ ସମସ୍ତ ସମ୍ପ୍ରଦାୟ ପରି ଭାରତୀୟ ମୁସଲମାନମାନେ ମଧ୍ୟ ନାଗରିକ କାର୍ଯ୍ୟକଳାପରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରି, ସୁସ୍ଥ ଆଲୋଚନାକୁ ପ୍ରୋତ୍ସାହନ ଦେଇ ଏବଂ ଯୁବପିଢ଼ି ମଧ୍ୟରେ ଦାୟିତ୍ୱଶୀଳ ନାଗରିକତାର ଚେତନା ବିକଶିତ କରି ଦେଶର ଗଣତାନ୍ତ୍ରିକ ସଂସ୍କୃତିକୁ ଆହୁରି ସୁଦୃଢ଼ କରିପାରିବେ । ଡିଜିଟାଲ୍ ଯୁଗ ନାଗରିକତାରେ ଆଉ ଏକ ନୂଆ ଦିଗ ଯୋଡ଼ିଛି । ସାମାଜିକ ଗଣମାଧ୍ୟମ ଏବଂ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ ଲୋକମାନଙ୍କ ପାଇଁ ଯୋଗାଯୋଗ, ମତ ବିନିମୟ ଏବଂ ସୂଚନା ଆଦାନ ପ୍ରଦାନକୁ ଅଧିକ ସହଜ କରିଛି । ସେହି ସମୟରେ, ମିଥ୍ୟା ସୂଚନା, ରୂଢ଼ିବାଦୀ ଧାରଣା ଏବଂ ବିଭାଜନକାରୀ ବିଷୟବସ୍ତୁ ମଧ୍ୟ ଅନଲାଇନରେ ଦ୍ରୁତ ଗତିରେ ପ୍ରସାରିତ ହୋଇପାରେ । ତେଣୁ ସାମାଜିକ ଗଣମାଧ୍ୟମର ଦାୟିତ୍ୱଶୀଳ ବ୍ୟବହାର ଅତ୍ୟନ୍ତ ଜରୁରି । ନାଗରିକମାନେ ସୂଚନା ସେୟାର କରିବା ପୁର୍ବରୁ ତାହାର ସତ୍ୟତା ଯାଚଂ କରିବା ଦରକାର, ଅପମାନଜନକ କିମ୍ବା ଉତ୍ତେଜନାମୂଳକ ବିଷୟବସ୍ତୁକୁ ବାଦଦେବା ଏବଂ ସମ୍ମାନଜନକ ଓ ଗଠନମୂଳକ ଆଲୋଚନାରେ ସାମିଲ ହେବା ଉଚିତ୍ । ଯେକୌଣସି ସମ୍ପ୍ରଦାୟର ପ୍ରଗତି ସମଗ୍ର ଦେଶର ପ୍ରଗତି ସହିତ ଅଙ୍ଗାଅଙ୍ଗିଭାବେ ଜଡ଼ିତ । ଭାରତୀୟ ମୁସଲମାନମାନଙ୍କର ଏକ ସମୃଦ୍ଧ ଐତିହ୍ୟ ଏବଂ ଭାରତ ପ୍ରତି ଅବଦାନର ଏକ ଇତିହାସ ରହିଛି । ସେମାନେ ଶିକ୍ଷା, ଉଦ୍‌ୟୋଗ, ମହିଳାଙ୍କର ଅଂଶଗ୍ରହଣ, ସମାଜସେବା, ସମ୍ପ୍ରଦାୟମାନଙ୍କ ମଧ୍ୟରେ ସଦଭାବ ଏବଂ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଅଧିକ ଯତ୍ନ ହୋଇ ଦେଶର ଭବିଷ୍ୟତ ଗଠନରେ ଆହୁରି ଦୃଢ଼ ଅବଦାନ ରଖିପାରିବେ । ଏପରି ସକ୍ରିୟ ଅଂଶ ଗ୍ରହଣ ସମାନ ନାଗରିକତାର ଏକ ସ୍ୱାଭାବିକ ଓ ସକାରାତ୍ମକ ପ୍ରକାଶ । ଏକ ସମାବେଶୀ ଭାରତ କେବଳ ସରକାରୀ ପଦକ୍ଷେପ ମାଧ୍ୟମରେ ଗଢ଼ି ଉଠି ପାରିବ ନାହିଁ, ଏଥିପାଇଁ ନାଗରିକମାନେ ନିଜର ପ୍ରଗତିକୁ ଦେଶର ପ୍ରଗତି ସହିତ ଅବିଚ୍ଛିନ୍ନ ଭାବେ ଜଡ଼ିତ ବୋଲି ବୁଝିବା ଏବଂ ଦେଶ ଗଠନରେ ନିଜର ଭୂମିକାକୁ ସଚେତନତାର ସହିତ ନିର୍ବାହ କରିବା ଆବଶ୍ୟକ । ଆମେ ଏପରି ଏକ ସମାଜ ଗଢ଼ିବା, ଯେଉଁଠି ବିବିଧତାକୁ ସମ୍ମାନ ମିଳୁଥିବ ଏବଂ ପ୍ରତ୍ୟେକ ନାଗରିକଙ୍କୁ ମର୍ଯ୍ୟାଦା, ସୁଯୋଗ ଓ ଭାରତର ସହଭାଗୀ ଭବିଷ୍ୟତ ଗଠନରେ ଯୋଗଦାନ କରିବାର ଏକ ନ୍ୟାୟସଙ୍ଗତ ସୁଯୋଗ ମିଳୁଥିବ ।

## ଓଆଇଆଇପିସିଆରଏ ଆନ୍ତଃବିଭାଗୀୟ କାର୍ଯ୍ୟାନ୍ୱୟନର ସମୀକ୍ଷା ବୈଠକ

ଭୁବନେଶ୍ୱର :ଜଳସେଚନ ଭିତ୍ତିଭୂମିର ସୁଦୃଢ଼ୀକରଣ ସହ କୃଷି, ଉଦ୍ୟାନ କୃଷି ଓ ମତ୍ସ୍ୟଚାଷର ସମନ୍ୱିତ ବିକାଶ ନିମନ୍ତେ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ ପାଇଁ ଜଳବାୟୁ ସହନଶୀଳ କୃଷି (ଓଆଇଆଇପିସିଆରଏ)ର ସମୀକ୍ଷା ବୈଠକ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଯାଧବ, ପଚାଂୟତିରାଜ ଓ ପାନୀୟଜଳ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ଗିରିଶ ଏସ୍. ଏନ୍ ଉପସ୍ଥିତ ଥିଲେ । ଓଆଇପିସିଆରଏର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଏଥିରେ ଜଳ ସମ୍ପଦ ବିଭାଗ ସହ କୃଷି ଓ କୃଷକ ସଶକ୍ତିକରଣ, ଉଦ୍ୟାନକୃଷି, ମତ୍ସ୍ୟଚାଷ, ଏପିକଲ୍ ଏବଂ ଜଳସେଚନ ଓ ଓଡ଼ିଶା କମ୍ୟୁନିଟି ଟ୍ୟାଙ୍କ ଡେଭଲପମେଂଟ ଆଣ୍ଡ ମ୍ୟାନେଜମେଂଟ ସୋସାଇଟି ଭଳି ବିଭିନ୍ନ ଅଂଶୀଦାର ସଂସ୍ଥା ଏକାଠି କାର୍ଯ୍ୟ କରିଥାନ୍ତି । ବୈଠକରେ ପ୍ରକଳ୍ପର ସାମଗ୍ରିକ ସ୍ଥିତି, ଆର୍ଥିକ ଉପାଦାନ ଓ ବିଭିନ୍ନ ବିଭାଗ ଅଧୀନରେ ଚାଲିଥିବା କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ଜଳସେଚନ ସୁବିଧାକୁ କୃଷି ଉତ୍ପାଦନ ଓ ଜୀବିକା ସହ ଯୋଡ଼ିବା ପାଇଁ ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜଳସେଚିତ ଅଚଂଳରେ ଡାଲି ଉତ୍ପାଦନ ବୃଦ୍ଧି ପଦକ୍ଷେପର କାର୍ଯ୍ୟାନ୍ୱୟନ ନେଇ ମଧ୍ୟ ଆଲୋଚନା ହୋଇଥିଲା । କ୍ଷୁଦ୍ର ଜଳସେଚନ ଓ ଓସିସିଏଲ୍ ଅଧୀନରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଓ ଟାଙ୍କ ଉନ୍ନତିକରଣ ଓ ଟ୍ୟାଙ୍କଗୁଡ଼ିକର ଡିଜିଟାଲ ମ୍ୟାପିଂ କାର୍ଯ୍ୟର ସ୍ଥିତି ସମୀକ୍ଷା କରାଯାଇଥିଲା । ଟାଙ୍କଗୁଡ଼ିକର ଉନ୍ନତିକରଣକୁ କେବଳ ଜଳ ସଂରକ୍ଷଣରେ ସୀମିତ ନରଖି, ଟାଙ୍କ ପାର୍ଶ୍ୱବର୍ତ୍ତୀ ଅଚଂଳରେ କୃଷି ଓ ମତ୍ସ୍ୟଚାଷକୁ ଏକାଠି ବିକଶିତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA , Pin :769003







## ଗିରିପାଲିରେ ବିଧାୟକ ପାଣ୍ଠିରେ ନିର୍ମିତ କମ୍ୟୁନିଟି ସେଂଟର ଲୋକାର୍ପିତ
## ଲଖମନିରେ ବିଶ୍ୱକର୍ମା ପୂଜାରେ ସାମିଲ ହେଲେ ପ୍ରସନ୍ନ ଆଚାର୍ଯ୍ୟ



ସମ୍ବଲପୁର,୧୯/୯(ନି/ପ୍ର): ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଯୁଯୋମୁରା ବ୍ଲକ ଅନ୍ତର୍ଗତ କୁକୁଡ଼ାପାଳି ଗ୍ରାମ ପଚାଂୟତରେ ଗୁରୁବାର ବିଭିନ୍ନ କାର୍ଯ୍ୟକ୍ରମରେ ବିରୋଧୀ ଦଳର ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇଥିଲେ। ପ୍ରଥମେ ଶ୍ରୀ ଆଚାର୍ଯ୍ୟ ଗିରିପାଲି ଗ୍ରାମରେ ବିଧାୟକ ପାଣ୍ଠିରୁ ନିର୍ମିତ କମ୍ୟୁନିଟି ସେଂଟରର ଲୋକାର୍ପଣ କରିଥିଲେ। ଏହି ଅବସରରେ ସେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି କମ୍ୟୁନିଟି ସେଂଟରର ବ୍ୟବହାର ଓ ଉପଯୋଗିତା ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ବିଧାୟକ ଉର୍ନ୍ନିତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଶ୍ରୀ ଆଚାର୍ଯ୍ୟା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ ବିଭିନ୍ନ ଶ୍ରେଣୀକୋଠରୀ, ଶିକ୍ଷକ ଅଭାବ ଓ ବିଦ୍ୟାଳୟର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅପରାହ୍ନ ୪ଟାରେ ଲଖମନି ଗ୍ରାମରେ ଆୟୋଜିତ ବିଶ୍ୱକର୍ମା ପୂଜା କାର୍ଯ୍ୟକ୍ରମରେ ଶ୍ରୀ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ। ଏଥିସହ ସେ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। କାର୍ଯ୍ୟକ୍ରମରେ କୁକୁଡ଼ାପାଳି ସରପଚଂ ଗୀତାଞ୍ଜଳି ଦେହୁରୀ, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ହୀରାଲାଲ ବେହେରା, ଯୁଯୋମୁରା ବ୍ଲକ ବିଜେଡି ସଭାପତି ବିନୋଦ ବଡ଼ପଣ୍ଡା ଓ ଗିରିପାଲି ଗ୍ରାମର ନବୀନ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଜେଡି ପଚାଂୟତ ସଭାପତି ସୁବ୍ରତ ବିଶ୍ୱାଳ, ରାଜକୁମାର ସାହୁ, ପ୍ରଦୀପ ଡନସେନା, ଅଭିଳାଷ ସାମଲ ଓ ପ୍ରଶାନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଲଖମନି ଗ୍ରାମର କାର୍ଯ୍ୟକ୍ରମରେ ବିଶ୍ୱ କର୍ମା ପୂଜା କମିଟି ର କୈଳାଶ କାଣ୍ଡ, ସୁବାସ କୁମୁଦ ଧର, ସନାତନ ଭୋଇ ଓ କପିଳ କୁମୁଦ ଧର ପ୍ରମୁଖ ସାମିଲ ଥିଲେ। ଏଥିସହ ଜିଲ୍ଲା ବିଜେଡି ଉପସଭାପତି ତଥା ବାହାମ ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଇସମାଇଲ ଆଜାଦ ବଡ଼େଇ, ଡଙ୍ଗରପଡ଼ା ସରପଚଂ ଅୟସକାନ୍ତ ବଡ଼ପଣ୍ଡା, ସମିତି ସଭ୍ୟ ପ୍ରକାଶ ସାହୁ, ଘନଶ୍ୟାମ ସାହୁ, ହରିହର ନାୟକ, ଝସ ନାୟକ, ପ୍ରଦୀପ ପରିଡ଼ା, ପ୍ରବୀଣ ସୁପକାର, ଦୟାସାଗର ପ୍ରଧାନ, ବିରେନ ପଶାୟତ, ଅଶ୍ୱିନୀ ନାୟକ, ଖିରୋଦ ସାହୁ, ଧୀରଜ ପାଢ଼ୀ ଓ ଶୁଭମ ପଣ୍ଡାଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ୨୪ତମ ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ
## ପାନୀୟ ଜଳ, ବିଜୁଳି, ସଡ଼କ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଓ କ୍ରୀଡ଼ାର ଉନ୍ନତିକୁ ଅଗ୍ରାଧିକାର



ନବରଙ୍ଗପୁର,୧୯/୯(ନି/ପ୍ର): ରାଜ୍ୟର ପ୍ରଥମ ଜିଲ୍ଲା ଭାବେ ଜିଲ୍ଲା ଯୋଜନା ବୋର୍ଡର ସଦସ୍ୟମାନଙ୍କ ନିର୍ବାଚନ ସମାପ୍ତ ହେବା ପରେ ଚଳିତ ବର୍ଷର ପ୍ରଥମ ତଥା ୨୪ତମ ଜିଲ୍ଲା ଯୋଜନା କମିଟି ବୈଠକ ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ମାନ୍ୟବର ନବରଙ୍ଗପୁର ବିଧାୟକ ଶ୍ରୀ ଗୌରୀ ଶଙ୍କର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ମାନ୍ୟବର ସାଂସଦ ଶ୍ରୀ ବଳଭଦ୍ର ମାଝୀ, ମାନ୍ୟବର ଡାବୁଗାଁ ବିଧାୟକ ଶ୍ରୀ ମନୋହର ରନ୍ଧାରୀ, ମାନ୍ୟବର ଝରୀଗାଁ ବିଧାୟକ ଶ୍ରୀ ନରସିଂହ ଭତ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ମୋତିରାମ ନାୟକ ଓ ଉପାଧ୍ୟକ୍ଷ, କମିଟିର ସମସ୍ତ ସଦସ୍ୟ, ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ, ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଡ଼ିଓମାନେ ଉପସ୍ଥିତ ଥିଲେ। ବୈଠକରେ ଅଧ୍ୟକ୍ଷ ଶ୍ରୀ ମାଝୀ କେବିକେ ବିକାଶ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ସହ ଲୋକଙ୍କ ସାର୍ବନିମ୍ନ ଆବଶ୍ୟକତା ପୂରଣକୁ ଗୁରୁତ୍ୱ ଦେଇଥିଲେ। ବିଶେଷକରି ପାନୀୟ ଜଳ, ବିଜୁଳି ଓ ସଡ଼କ ଭଳି ମୌଳିକ ସୁବିଧାର ବିକାଶ ପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱଳ୍ପବୃଷ୍ଟିପାତ ଅଚଂଳରେ ଜଳସେଚନ ବ୍ୟବସ୍ଥା ପାଇଁ ଆବଶ୍ୟକ ପ୍ରକଳ୍ପର ତାଲିକା ପ୍ରସ୍ତୁତ କରି ଅନୁମୋଦନ ପରେ ତ୍ୱରିତ କାର୍ଯ୍ୟାନ୍ୱୟନ ଏବଂ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ତାଲିକାଭୁକ୍ତ ପ୍ରକଳ୍ପଗୁଡ଼ିକର ଫିଜିବିଲିଟି ରିପୋର୍ଟ ଶୀଘ୍ର ପ୍ରଦାନ ଉପରେ ଆଲୋଚନା ହୋଇଥିଲା। ଜିଲ୍ଲାର ବୟନ ଶିଳ୍ପର ବିକାଶ ସହ ବୁଣାକାରମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଜିଲ୍ଲା ମୁଖ୍ୟାଳୟରେ ବୟନ ଶିଳ୍ପ ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଖୋଲିବା ନେଇ ଆଲୋଚନା ହୋଇଥିଲା। ଏଥିସହ ଗୋଶାଳାର ସଫଳ କାର୍ଯ୍ୟାନ୍ୱୟନ, ମାଛ ଓ ଚିଙ୍ଗୁଡ଼ି ଚାଷକୁ ପ୍ରୋତ୍ସାହନ ପାଇଁ ଉପଯୋଗୀ ପୋଖରୀ ଓ ବନ୍ଧର ତାଲିକା ପ୍ରସ୍ତୁତି, କ୍ରୀଡ଼ା ଭିତ୍ତିଭୂମି, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ଷ୍ଟାଡିୟମ ନିର୍ମାଣକୁ ଅଗ୍ରାଧିକାର ଭିତ୍ତିରେ ଆଗେଇ ନେବାକୁ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ମେଡିକାଲ କଲେଜ ନିର୍ମାଣ, ଜିଏନଏମ କଲେଜ ସ୍ଥାନାନ୍ତରଣ ଓ ବାଇପାସ୍ ରାସ୍ତା ନିର୍ମାଣ ଭଳି ପ୍ରମୁଖ ଉନ୍ନୟନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ସମସ୍ତ ତହସିଲଦାର ଓ ଶିକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ରଖି ଯଥାଶୀଘ୍ର ବିଦ୍ୟାଳୟଗୁଡ଼ିକୁ ଜମି ପଟ୍ଟା ପ୍ରଦାନ କରିବା ସହ ଜିଲ୍ଲାର ଭୂମିହୀନ ପରିବାରଙ୍କୁ ବସୁନ୍ଧରା ପଟ୍ଟା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାରେ ଆଇନଶୃଙ୍ଖଳାର ସୁପରିଚାଳନା ପାଇଁ ଜନଗହଳିପୂର୍ଣ୍ଣ ସ୍ଥାନ ଏବଂ ସମସ୍ତ ବ୍ଲକ୍ ମୁଖ୍ୟାଳୟ ସହରରେ ସିସିଟିଭି ସ୍ଥାପନ ସହ ଆବଶ୍ୟକ ସ୍ଥାନରେ ପୋଲିସ ମୁତୟନକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ସହ ବିଭିନ୍ନ ଯୋଜନାରେ ମିଳୁଥିବା ଅନୁଦାନ ଅର୍ଥରାଶିର ସମୟୋଚିତ ଓ ସଠିକ୍ ବିନିଯୋଗ ନିଶ୍ଚିତ କରିବାକୁ ଜନପ୍ରତିନିଧିମାନେ ଗୁରୁତ୍ୱ ଦେଇଥିଲେ। ସୂଚନାଯୋଗ୍ୟଯେ, କେବିକେ ବିକାଶ ଯୋଜନା ଅଧୀନରେ ୨୦୨୪-୨୫ ଆର୍ଥିକ ବର୍ଷରେ ତାଲିକାଭୁକ୍ତ ୧୭୦ଟି ପ୍ରକଳ୍ପ ପାଇଁ ସମୁଦାୟ ୫ କୋଟି ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ତାଲିକାଭୁକ୍ତ ୧୩୩ଟି ପାନୀୟ ଜଳ, ବିଜୁଳି ଓ ସଡ଼କ ନିର୍ମାଣ ପ୍ରକଳ୍ପ ପାଇଁ ମୋଟ ୫ କୋଟି, ଏହିପରି ମୋଟ ୩୦୩ଟି ପ୍ରକଳ୍ପ ପାଇଁ ସର୍ବମୋଟ ୧୦ କୋଟିର ଅଟକଳ ମୂଲ୍ୟ ଅନୁମୋଦନ ପାଇଁ କମିଟି ସମ୍ମୁଖରେ ଉପସ୍ଥାପିତ ହୋଇଥିଲା। ଅତିରିକ୍ତ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ତଥା ବିଡ଼ିଓ, ନବରଙ୍ଗପୁର ଶ୍ରୀ ସୁନୀଲ ଖରା ଏହି ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହାପରେ ମାତ୍ରାଧିକ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ ରିପୋର୍ଟ ଉପରେ ଆଲୋଚନା କରାଯାଇଥିଲା। କ୍ଷତିଗ୍ରସ୍ତ ରାସ୍ତାଘାଟ, ବ୍ରିଜ୍ ଓ କଲଭର୍ଟ ଆଦିର ଯଥାଶୀଘ୍ର ମରାମତି କରି ଯାତାୟାତ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଡ଼ ପ୍ରମୋଦ କୁମାର ପୃଷ୍ଟି, ଉପଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ପ୍ରଫୁଲ୍ଲ କୁମାର ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ଓ ବିଡ଼ିଓମାନେ ଉପସ୍ଥିତ ଥିଲେ। ଜିଲ୍ଲାର ବୟନ ଶିଳ୍ପର ବିକାଶ ସହ ବୁଣାକାରମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଜିଲ୍ଲା ମୁଖ୍ୟାଳୟରେ ବୟନ ଶିଳ୍ପ ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଖୋଲିବା ନେଇ ଆଲୋଚନା ହୋଇଥିଲା।

## ମଧ୍ୟସ୍ଥତା ମାଧ୍ୟମରେ ମାମଲାର ସମାଧାନ ପାଇଁ ଦେଶବ୍ୟାପୀ ନୂତନ ଅଭିଯାନ

ସମ୍ବଲପୁର,୧୯/୯(ନି/ପ୍ର): ମଧ୍ୟସ୍ଥତା ମାଧ୍ୟମରେ ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ତାଲୁକସ୍ତରର ଅଦାଲତରେ ଥିବା ବିଚାରାଧୀନ ମାମଲା ଗୁଡିକର ସରଳ ଓ ସହଜ ସମାଧାନ ନିମନ୍ତେ ସମଗ୍ର ଦେଶରେ ୧ ଅଗଷ୍ଟ ଠାରୁ ତୃତୀୟ ଥରପାଇଁ ଆଉ ଏକ ନୂତନ ଅଭିଯାନ ଚାଲୁଅଛି । ଏନେଇ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ, ସଚିବ ଓ ସମ୍ବଲପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜଙ୍କ ନିର୍ଦ୍ଦେଶ କ୍ରମେ ମାମଲାର ସମାଧାନ ନିମନ୍ତେ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସମ୍ବଲପୁର ଠାରେ ଚାଲୁଅଛି । ଏହି ମଧ୍ୟସ୍ଥତା ମାଧ୍ୟମରେ ପାରିବାରିକ ରଫା ଯୋଗ୍ୟ, ଘରୋଇ ହିଂସା, ବ୍ୟାଙ୍କ ସମ୍ବନ୍ଧୀୟ ଚେକ୍ ବାଉନ୍ସ, ମୋଟର ଦୁର୍ଘଟଣା ମାମଲା, ରଫାଯୋଗ୍ୟ ଫୌଜଦାରୀ ମାମଲା, ଭୂ-ଅଧିଗ୍ରହଣ ଜନିତ ମାମଲା, ସମ୍ପତ୍ତି ବି[ନ ବିବାଦ, ଉଚ୍ଛେଦ ମାମଲା, ବାଣିଜ୍ୟ ଅଦାଲତରେ ଥିବା ମାମଲା , ନିଯୁକ୍ତି ସମ୍ପର୍କିତ ଉପଯୁକ୍ତ ମାମଲା, ଶ୍ରମ ଅଧିନିୟମ ସମ୍ପର୍କୀୟ ବିବାଦ , ଚୁକ୍ତି ଅଧିନିୟମ ସମ୍ପର୍କୀୟ ମାମଲା, ଖାଉଟି ଅଦାଲତରେ ଥିବା ବିବାଦ ଗୁଡିକର ବିକଳ୍ପ ସମାଧାନ ପାଇଁ ଶିବିର ଆୟୋଜନ କରାଯାଉଛି। ଅଦାଲତରେ ବିଚାରାଧୀନ ଥିବା ମୋକଦ୍ଦମା ଗୁଡିକର ବିଚାର ଅପେକ୍ଷା ନିରପେକ୍ଷ ଭାବେ ଅଭିଜ୍ଞ ମଧ୍ୟସ୍ଥଙ୍କ ସହାୟତାରେ ସମାଧାନ କରାଯିବ। ବିବାଦର ସୃଜନାତ୍ମକ ଢଙ୍ଗରେ ସମାଧାନ କରି ଏହାର ପରିସମାପ୍ତି ପାଇଁ ବିବାଦ ଲିପ୍ତ ପକ୍ଷଙ୍କ ମଧ୍ୟରେ ଥିବା ମତ ପାର୍ଥକ୍ୟ ଦୂର କରି ସମାଧାନ ରାସ୍ତା ବାହାର କରିବାକୁ ଏହି ଶିବିର ଆୟୋଜନ କରାଯାଉଛି। ମଧ୍ୟସ୍ଥତା ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ ଓ ଏହା ପରସ୍ପର ମଧ୍ୟରେ ଏକ ମଧୁର ସମ୍ପର୍କ ସ୍ଥାପନା କରାଇବ। ମଧ୍ୟସ୍ଥତା ଦ୍ୱାରା ମାମଲାର ସମାଧାନ ହେବା ଯୋଗୁଁ ପକ୍ଷ ମାନଙ୍କ ସମୟ, ଶ୍ରମ ଓ ଅର୍ଥ ସଂଚୟ ହୋଇ ପାରିବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସମ୍ବଲପୁର ପକ୍ଷରୁ ସୂଚନା ଦିଆଯାଉଛି।

## ମୋଦୀଙ୍କ ଜନ୍ମ ଜୟନ୍ତୀରେ ସମୂହ ଦୀପଦାନ

ଭଦ୍ରକ,୧୯/୯(ନି/ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ ତମ ଜନ୍ମ ଜୟନ୍ତୀ ଅବସରରେ ଆଜି ଏହି ବ୍ଲକ ମହତାବ ମଣ୍ଡଳ ପକ୍ଷରୁ ତ୍ରିସାଲିଆସ୍ଥିତ ସୁବର୍ଣ୍ଣେଶ୍ୱର ମହାଦେବଙ୍କ ପୀଠରେ ସମୂହ ଦୀପଦାନ କରାଯାଇଛି । ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦଙ୍କ ଆବାହକତ୍ୱରେ ଦଳର ଭଣ୍ଡାରିପୋଖରୀ ବିଧାନସଭା ନେତା ଡ.ସୁଧାଂଶୁ ଶେଖର ନାୟକ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ ପ୍ରମୁଖ ଦୀପଦାନ କରି ମୋଦିଜୀଙ୍କ ଦୀର୍ଘାୟୁ କାମନା କରିଥିଲେ।

## ସଞ୍ଜ ନଇଁଲେ ଭୟର ବାତାବରଣ, ଅନ୍ଧାରରେ ବୁଡୁଛି ଗୁଣ୍ଡୁରପଡା

ସମ୍ବଲପୁର,୧୯/୯(ନି/ପ୍ର): ସମ୍ବଲପୁର ଜିଲ୍ଲା ସଦରମହକୁମା ଠାରୁ ସନ୍ନିକଟ ହୀରାକୁଦ ଅଂଚଳର ଗୁଣ୍ଡୁପଡା ନୂଆ କଲୋନୀ ଏକ ଜଣାଶୁଣା ଓ ଚଳଚଂଚଳ ଅଂଚଳ । ଏଠାରେ ଶତାଧିକ ଲୋକେ ବସବାସ କରନ୍ତି । ଘରକୁ ପାଣି ଯାଇଛି, ବିଦ୍ୟୁତ୍ ଯାଇଛି, ଫୋନ୍ ଯାଇଛି, ୱାଇଫାଇ ବି ଯାଇଛି । ଏହି ଜନ ବସତିର ଲୋକଙ୍କ ପାଇଁ ଥାନାବି ରହିଛି । ହେଲେ ଦୀର୍ଘ ଦିନ ଧରି ଏହି ଅଂଚଳର ଲୋକେ ସବୁଦିନ ସନ୍ଧ୍ୟା ଠାରୁ କେଉଁ ଦୁର୍ଗମ ବଣ ପାହାଡ଼ ଅଂଚଳରେ ରହିବା ଭଳି ଲୋକେ ଅଜଣା ଆତଙ୍କରେ ରହି ଆସୁଛନ୍ତି । ଦିନ ବେଳେ ଯେନତେନ ପ୍ରକାରେ ଖାଲଖମା ରାସ୍ତାରେ ଚଳି ଯାଉଛନ୍ତି, ହେଲେ ସଞ୍ଜ ନଇଁଲେ ବାଟଘାଟ ସବୁ କିଛି ଅନ୍ଧାର । ଟିଉସନକୁ ଯାଇଥିବା ପିଲା ମାନେ ରାତି ୭/୮ ଟା ସୁଦ୍ଧା ଘରକୁ ଫେରିବାରେ ବିଳମ୍ବ ହେଲେ ଅଭିଭାବକଙ୍କ ଚିନ୍ତା ବଢ଼ି ଯାଇଥାଏ । ହୀରାକୁଦ ଅଂଚଳର ଗୁଣ୍ଡୁରପଡାରେ ବହୁ ଘରଦ୍ୱାର ରହିଥିବା ବେଳେ ଜନସଂଖ୍ୟା ମଧ୍ୟ କିଛି କମ ନାହିଁ । ହେଲେ ଏହି ଅଂଚଳର ସମସ୍ତ ରାସ୍ତା ପାର୍ଶ୍ୱରେ ବିଦ୍ୟୁତ୍ ବିଭାଗ କେବଳ ଖୁଂଟ ପୋତିଦେଇ ଦୀର୍ଘ ଦିନ ଧରି ଦାୟିତ୍ୱ ତୁଲାଇ ଥିଲେ ମଧ୍ୟ ଆଲୋକୀକରଣ ଦିଗକୁ ସମ୍ପୂର୍ଣ୍ଣ ଅଣଦେଖା କରି ଆସିଛି । ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ଠାରୁ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଂଚଳବାସୀ ରାସ୍ତାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବା ପାଇଁ ବାରମ୍ବାର ଲିଖିତ ଅଭିଯୋଗ କରି ଆସୁଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ନିଆନଯିବା ଘଟଣା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରାଇଛି । ଏପରିକି ସନ୍ଧ୍ୟାପରେ ବଜାର ଘାଟ ସାରିକି ହେଉ ବା ଚାକିରି ଓ ବ୍ୟବସାୟ ସାରି ଘରକୁ ଫେରୁଥିବା ଲୋକେ ସର୍ବଦା ବିପଦ ସଙ୍କୁଳ ଅବସ୍ଥାରେ ଯା-ଆସ କରିଥାଆନ୍ତି । କାରଣ ନିଶାଡିଙ୍କ ସହ ଚୋରି ଛିନତାଇ କରୁଥିବା ଅସାମାଜିକ ତତ୍ୱଙ୍କ ଅଭାବ ନଥିବା ବେଳେ କେତେବେଳେ କେଉଁ ଅଘଟଣ ଘଟିବ ତାହା ଏକ ଅଜଣା ଆତଙ୍କ ସୃଷ୍ଟି କରି ଆସୁଛି । ଏ ଦିଗରେ ଜିଲ୍ଲାପାଳ ଅନୁଧ୍ୟାନ କରି ତୁରନ୍ତ ବିହିତ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହୋଇଛି । ଏହି ଫଟୋଚିତ୍ରରେ ଦିନ ବେଳର ଦୃଶ୍ୟ ଜନ ବସତି ସୂଚୀତ କରାଉଥିବା ବେଳେ ରାତିରେ ଫଟୋଚିତ୍ର ଭୟବିତ କରାଉଛି ।

## ମୋଦୀଙ୍କ ଜନ୍ମଦିନରେ ଝାଡ଼େଶ୍ୱର ମନ୍ଦିରରେ ଦୀପଦାନ:
## ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସହ ବିଜେପି ନେତା ଓ କର୍ମୀଙ୍କ ପୂଜାର୍ଚ୍ଚନା



ଝାରସୁଗୁଡ଼ା,୧୯/୯(ନି/ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଗୁରୁବାର ଝାରସୁଗୁଡ଼ାସ୍ଥିତ ପ୍ରସିଦ୍ଧ ଝାଡ଼େଶ୍ୱର ମହାଦେବ ମନ୍ଦିରରେ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଥିଲା। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରି ଦୀପ ପ୍ରଜ୍ୱଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବିଜେପିର ବହୁ ନେତା, କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମନ୍ଦିର ପରିସରରେ ଶହ ଶହ ଦୀପ ପ୍ରଜ୍ୱଳନ କରାଯିବା ସହ ପ୍ରଭୁ ଝାଡ଼େଶ୍ୱରଙ୍କ ନିକଟରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ, ସୁସ୍ଥ ଓ ନିରାମୟ ଜୀବନ ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ନିରନ୍ତର ବିକାଶ ଓ ରାଷ୍ଟ୍ର ନିର୍ମାଣ ପଥରେ ଆଗେଇ ଚାଲିଛି। ପ୍ରଭୁ ଝାଡ଼େଶ୍ୱରଙ୍କ ଆଶୀର୍ବାଦରୁ ପ୍ରଧାନମନ୍ତ୍ରୀ ସଦାସର୍ବଦା ଦେଶବାସୀଙ୍କୁ ପ୍ରେରଣା ଯୋଗାଇ ଚାଲନ୍ତୁ ବୋଲି ସେ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ରାଜେନ୍ଦ୍ର ସା, ଯୋଶୀଲା ମାଝୀ, ବିବେକ ଶ୍ରୀବାସ, ଦେବବ୍ରତ ପାଣ୍ଡେ, ହରିଶ ପାଣ୍ଡେଙ୍କ ସମେତ ବହୁ ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଗଣେଶ ପୂଜା ମଣ୍ଡପ ବୁଲିଲେ ନଗରପାଳ

ଭୁବନ, ୧୯/୯(ନି/ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ଅଂଚଳ ଗଣେଶ ପୂଜା ପାଇଁ ପ୍ରସିଦ୍ଧି ଲାଭ କରିଥିବା ବେଳେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ବିଭିନ୍ନ ପୂଜା ମଣ୍ଡପ ବୁଲି ଅଗ୍ରପୂଜ୍ୟ ପ୍ରଭୁ ଗଜାନନଙ୍କ ଆଶୀର୍ବାଦ ନେଇଥିଲେ । ଗତ କାଲି ଭୁବନ ବ୍ଲକ ଅନ୍ତର୍ଗତ ଭୂଷଳ ପଂଚାୟତର ଜୟପୁର ଗ୍ରାମରେ ବିଭିନ୍ନ ଗଣେଶ ପୂଜା ମଣ୍ଡପ ବୁଲି ଦର୍ଶନ କରିବା ସହ ପୂଜା କମିଟି ସଦସ୍ୟ ଙ୍କ ସହ ବିଭିନ୍ନ ଆଲୋଚନା କରିଥିଲେ। ପବିତ୍ର ବିଶ୍ୱକର୍ମା ପୂଜାରେ ଗୁରୁବାର ସନ୍ଧ୍ୟାରେ ଭୁବନ ବ୍ଲକ ର ଜିରାଳ ଗ୍ରାମରେ ୧୮ ଟି ପୂଜା ମଣ୍ଡପରେ ପ୍ରଭୁ ଗଣେଶ ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ନଗରପାଳ ଶୁଭେନ୍ଦୁ ସାହୁଙ୍କ ସହ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଜିରାଳ ଗାଁ ସଭାପତି ଅର୍ଜୁନ ଚରଣ ପଣ୍ଡା,ଦେଶ କମିଟି ଚେୟାରମ୍ୟାନ ଶ୍ୟାମ ସୁନ୍ଦର ପଣ୍ଡା ଙ୍କ ସମେତ ପ୍ରଫୁଲ୍ଲ କୁମାର ସାହୁ,ଅମିୟ ମହାନ୍ତି,ରବି ନାରାୟଣ ବେହେରା,କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## କାର କାରକେଟ ଛାଡି ବାଇକରେ ବୁଲିଲେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର,୧୯/୯(ନି/ପ୍ର): ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ୪ ଦିନିଆ ସଂସଦୀୟ କ୍ଷେତ୍ର ଗସ୍ତ ସାରି ଗତକଲି ଭୁବନେଶ୍ୱର ଗସ୍ତ କରିଛନ୍ତି । ଏହି ଚାରି ଦିନ ରେ ସାଂସଦ ସମ୍ବଲପୁର, କୁଚିଣ୍ଡା, ଦେବଗଡ଼, ରେଢ଼ାଖୋଲ ରେ ବିଭିନ୍ନ ସରକାରୀ, ବେସରକରୀ ଓ ରାଜନୈତିକ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ । କିନ୍ତୁ ସମସ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଆକର୍ଷଣ ଥିଲା ଗୁରୁବାର ଅପରାହ୍ନର କାର୍ଯ୍ୟକ୍ରମ । ଗତକାଲି ସାଂସଦ ଶ୍ରୀ ପ୍ରଧାନ ଦଳୀୟ କର୍ମୀ ଓ ସରକାରୀ ଅଧିକାରୀଙ୍କ ସହ ମୋଟରସାଇକେଲ ରେ ସମ୍ବଲପୁର ର ବିଭିନ୍ନ ଅଚଂଳ ପରିଦର୍ଶନ କରିଥିଲେ । ଭାରତ ସରକାରଙ୍କ 'ଅମୃତ ଭାରତ ଷ୍ଟେସନ ଯୋଜନା' ଅଧୀନରେ ଆସୁଥିବା ସମ୍ବଲପୁର ଜଙ୍କସନ୍, ହୀରାକୁଦ ଏବଂ ସମ୍ବଲପୁର ସିଟି ରେଳ ଷ୍ଟେସନ ପରିଦର୍ଶନ କରି ବିଭାଗୀୟ ଅଧିକାରୀ ଙ୍କ ସହିତ ଚାଲିଥିବା ପୁନଃ ନବୀକରଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ବାଇକରେ ବୁଲି ବୁଲି ସମ୍ବଲପୁରରେ କ୍ରିୟାନ୍ୱୟନ ହେଉଥିବା ବିଭିନ୍ନ ରୋଡ ପ୍ରକଳ୍ପ କାର୍ଯ୍ୟକୁ ମଧ୍ୟ ତଦାରଖ କରି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଜାତୀୟ ରାଜପଥ ପ୍ରାଧିକାରଣ ର ଅଧିକାରୀଙ୍କ ସହ ବିଭିନ୍ନ ଜାତୀୟ ରାଜପଥର ଉନ୍ନତିକରଣ, ମରାମତି ସମ୍ପର୍କ ରେ ବିସ୍ତୃତ ଆଲୋଚନା କରିଥିଲେ ।ସାମାଜିକ ଗଣମାଧ୍ୟମ ରେ ସାଂସଦଙ୍କ ଏସବୁ କାର୍ଯ୍ୟକ୍ରମ ର ଫୋଟୋ ଭିଡିଓ ଭାଇରାଲ ହେଲା ପରେ ସମ୍ବଲପୁରବାସୀ ଙ୍କ ଭିତରେ ଚର୍ଚ୍ଚା ଜୋର ଧରିବା ସହିତ ଅଚଂଳବାସୀଙ୍କ ମନରେ ବିକାଶ ର ଧାରା ର କ୍ଷିପ୍ର ଗତି କୁ ନେଇ ଆଶା ସଂଚାରିତ ହୋଇଛି ବୋଲି ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରିୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି କହିଛନ୍ତି ।

## ଏସ୍‌ଏଚ୍-୧୦ ଓ ଏନ୍‌ଏଚ୍-୪୯ରେ ଓଭରଲୋଡିଂ ଆତଙ୍କ
## ଦୁର୍ଘଟଣା ଆଶଙ୍କା ବଢୁଛି, କଠୋର କାର୍ଯ୍ୟାନୁଷ୍ଠାନ ଦାବି

ଝାରସୁଗୁଡ଼ା,୧୯/୯(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାର ରାଜ୍ୟ ରାଜପଥ-୧୦ ଓ ଜାତୀୟ ରାଜପଥ-୪୯ରେ ବେଆଇନ ଓଭରଲୋଡିଂ ପରିବହନକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଓଭରଲୋଡିଂ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ରାଜପଥଗୁଡ଼ିକରେ ଏହା ଉପରେ ରୋକ୍ ଲାଗିନଥିବା ଅଭିଯୋଗ ହୋଇଛି। ଏହି ଦୁଇ ରାଜପଥରେ ବିଭିନ୍ନ ଭାରୀଯାନରେ କୋଇଲା ସମେତ ଅନ୍ୟାନ୍ୟ ସାମଗ୍ରୀ ନିର୍ଦ୍ଧାରିତ କ୍ଷମତାଠାରୁ ଅଧିକ ପରିମାଣରେ ପରିବହନ କରାଯାଉଥିବା ଅଭିଯୋଗ ରହିଛି। ଓଭରଲୋଡିଂ ଯୋଗୁଁ ଗାଡ଼ିରୁ ସାମଗ୍ରୀ ରାସ୍ତା ଉପରେ ଖସିପଡ଼ିବା ସହ ଯାତାୟାତରେ ସମସ୍ୟା ଓ ଦୁର୍ଘଟଣାର ଆଶଙ୍କା ବଢୁଛି। ଏଥିସହ ସାଧାରଣ ଯାତ୍ରୀ ଓ ଦୁଇଚକିଆ ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଇଛି। ଓଭରଲୋଡିଂ ରୋକିବା ଦିଗରେ ପରିବହନ ବିଭାଗ ପକ୍ଷରୁ ନିୟମିତ ଯାଂଚ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଜିଲ୍ଲାବାସୀ ଦାବି କରିଛନ୍ତି।

ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ଖଡ଼ଗପୁର
INDIAN INSTITUTE OF TECHNOLOGY
KHARAGPUR

ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ଖଡ଼ଗପୁର ଭାରତୀୟ ନାଗରିକଙ୍କ ଠାରୁ ନିମ୍ନଲିଖିତ ପଦ ପାଇଁ **ଅନଲାଇନ ଆବେଦନ** ପ୍ରକ୍ରିୟା ଗ୍ରହଣ କରୁଛି।

**ବିଜ୍ଞାପନ ନଂ: ଆର/୧୩/୨୦୨୬ ତାରିଖ ୨୦ ଅଗଷ୍ଟ, ୨୦୨୬**

ପଦ:
୧) ଅଧ୍ୟାପକ
୨) ସହ ଅଧ୍ୟାପକ
୩) ସହାୟକ ଅଧ୍ୟାପକ
୪) ବରିଷ୍ଠ ନିବାସୀ

ଅଧିକ ବିବରଣୀ ଏବଂ ଭବିଷ୍ୟତ ଅପଡ଼େଟ୍ ପାଇଁ ପରଦର୍ଶନ କରନ୍ତୁ : https://erp.iitkgp.ac.in/jobs/auth/facapps.htm

cbc-21255/11/0011/2627 କୁଳସଚିବ




## ଗଣେଶ ପୂଜା ମଣ୍ଡପରେ ପହଚିଂଲେ ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ ଓ ବିଧାୟକ ସାରଦା ନାୟକ



ରାଉରକେଲା,୧୯/୯(ନି/ପ୍ର): ଗଣେଶ ଉତ୍ସବ ଅବସରରେ ସହରର ବିଭିନ୍ନ ପୂଜା କମିଟି ଦ୍ୱାରା ପ୍ରତିଷ୍ଠିତ ଗଣେଶ ପ୍ରତିମା ଦର୍ଶନ ପାଇଁ ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ ଏବଂ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ରାଉରକେଲା ସହରର ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି । ଏହି ସମୟରେ ସେ ପୂଜା କମିଟିର ସଦସ୍ୟମାନଙ୍କୁ ଭେଟି ଗଣେଶ ଉତ୍ସବର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏହି କ୍ରମରେ ଦୁଇ ନେତା ବିସ୍ରା ରୋଡ୍ ସ୍ଥିତ ବିସ୍ରା ୟୁଥ୍ କ୍ଲବର ଗଣେଶ ପୂଜା ମଣ୍ଡପରେ ପହଚିଂ ଥିଲେ । ସେଠାରେ ସେ ଭଗବାନ ଗଣେଶଙ୍କ ଆରତୀରେ ସାମିଲ ହୋଇ ବିଧିବଦ୍ଧ ପୂଜାର୍ଚ୍ଚନା କରିଥିଲେ । କ୍ଲବର ସଦସ୍ୟମାନେ ବାଣ ଫୁଟାଇ ଏବଂ ଉଷ୍ମ ସମ୍ବର୍ଦ୍ଧନା ସହ ଦୁଇ ଅତିଥିଙ୍କୁ ସ୍ୱାଗତ କରିଥିଲେ । ଦୁଇ ଅତିଥିଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ପ୍ରଦାନ କରାଯିବା ସହ ଏହି ଅବସରରେ ଖୀରି ପ୍ରସାଦ ବିତରଣ କରାଯାଇଥିଲା । ଏହି ଅବସରରେ ବିସ୍ରା ୟୁଥ୍ କ୍ଲବର ସଭାପତି କୃଷ୍ଣ ବର୍ମା, କମଲେଶ ଗୁପ୍ତା, କୋଷାଧ୍ୟକ୍ଷ ଅମନ ଗୁପ୍ତା, ରାକେଶ ଚକ୍ରବର୍ତ୍ତୀ, ରାଜୁ ଶର୍ମା, ବାବଲୁ ସାଓ, ବିକାଶ ଗୁପ୍ତା, ବୈଜନାଥ ଶର୍ମା, ପିଣ୍ଟୁ ଶର୍ମା, ପିଣ୍ଟୁ ଗୁପ୍ତା, ଚନ୍ଦନ ଗୁପ୍ତା, ଦିଲ୍ଲୀପ ଗୁପ୍ତା, ତପସ ଚକ୍ରବର୍ତ୍ତୀଙ୍କ ସମେତ କମିଟିର ଅନ୍ୟ ସଦସ୍ୟ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ସେହିପରି, ଉଦିତନଗର ସ୍ଥିତ ଚିତ୍ରାଞ୍ଜଳି ପୂଜା କମିଟିର ଗଣେଶ ପୂଜା ମଣ୍ଡପରେ ମଧ୍ୟ ବିଧାୟକ ଶାରଦା ପ୍ରସାଦ ନାୟକ ଏବଂ ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ ପହଚିଂ ଥିଲେ । ପୂଜା କମିଟିର ସଦସ୍ୟମାନେ ଫୁଲମାଳ ଦେଇ ଦୁଇ ଅତିଥିଙ୍କୁ ଉଷ୍ମ ସ୍ୱାଗତ ଜଣାଇଥିଲେ । ଦୁଇ ନେତା ଭଗବାନ ଗଣେଶଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରି ସହରବାସୀଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରିଥିଲେ ।

## କନାକୁଣ୍ଡରେ ବୁଡ଼ି ନିଖୋଜ ମହିଳାଙ୍କ ମୃତଦେହ ୪୩ ଘଟାଂ ପରେ ସାକୋବାହାଲ ଘାଟରୁ ଉଦ୍ଧାର



ସୁନ୍ଦରଗଡ଼,୧୯/୯(ନି/ପ୍ର): ଘୋଘର ନିକଟ ପର୍ଯ୍ୟଟନସ୍ଥଳୀ ଇବ୍ ନଦୀ ଉପତ୍ୟାକା କନାକୁଣ୍ଡରେ ବୁଡ଼ି ନିଖୋଜ ମହିଳାଙ୍କ ମୃତଦେହ ୪୩ ଘଟାଂ ପରେ ସାକୋବାହାଲ ଘାଟରୁ ଉଦ୍ଧାର ହୋଇଛି । ଦୁଇ ଦିନ ଧରି ଝାରସୁଗୁଡ଼ାର ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ଓ ପୁଲିସ ଉଦ୍ଧାର ଅଭିଯାନ ଚଳାଇଥିଲେ ମଧ୍ୟ ସଫଳତା ପାଇ ନଥିଲେ । ଆଜି ମତ୍ସ୍ୟଜୀବୀଙ୍କ ନଜରରେ ମୃତଦେହ ପଡ଼ିଥିଲା । ନଦୀକୂଳର ଏକ ବୁଦାମୂଳେ ଶବଟି ଲାଖି ରହିଥିଲା । ସୂଚନା ପାଇ ଅଗ୍ନିଶମ ବାହିନୀ ଯାଇ ଶବକୁ ପାଣିରୁ ଉଠାଇ ଆଣିଛନ୍ତି । ଉଲ୍ଲେଖଯୋଗ୍ୟ, ସୁନ୍ଦରଗଡ଼ ମହିଳା ମହାବିଦ୍ୟାଳୟ ସମ୍ମୁଖ ନୂଆପଡ଼ାର ପ୍ରଜ୍ଞାଶ୍ରୀ ପଣ୍ଡା ନିଜ ଭାଇ ରାଜ ଓ ସାମ୍ବାଦିକ ଭଉଣୀ ଇତିଶ୍ରୀ ପୁରୋହିତ ଓ ତାଙ୍କ ସ୍ୱାମୀଙ୍କ ସହ ଗୁରୁବାର ଅପରାହ୍ନ ୨ଟାରେ ଏକ କାର୍ ଯୋଗେ କନାକୁଣ୍ଡ ବୁଲିବାକୁ ଯାଇଥିଲେ । କନାକୁଣ୍ଡରେ ଜଳର ସ୍ରୋତ ପ୍ରଖର ଥିଲା । ସେ ପାଖରେ ଖସଡ଼ା ପଥର ଉପରେ ଛିଡ଼ା ହୋଇ ଫଟୋ ଉଠାଇଥିଲେ । ଏହି ସମୟରେ ସାମ୍ବାଦିକ ଭଉଣୀ ଇତିଶ୍ରୀ ଭିଡିଓ କଲ୍ କରି ବାହାରେ ଥିବା ଅନ୍ୟ ଜଣେ ଭଉଣୀଙ୍କୁ କନାକୁଣ୍ଡ ଦେଖାଉଥିଲେ । ହଠାତ ଭିଡିଓ କଲ୍ ର ଅପରପାର୍ଶ୍ୱରେ ଥିବା ଭଉଣୀ ଚିତ୍କାର କରି ଦିଦି ପଡ଼ିଗଲା ବୋଲି କହିବା ପରେ ଇତିଶ୍ରୀ ବୁଲି ପଛକୁ ଚାହିଁଲା ବେଳକୁ ପ୍ରଜ୍ଞାଶ୍ରୀ ପ୍ରଖର ସ୍ରୋତରେ ଭାସି ଯାଇ ବୁଡ଼ି ଯାଇଥିବା ଦେଖିଥିଲେ । ଇତିଶ୍ରୀ ଓ ପରିବାରର ଅନ୍ୟମାନେ ଡାକ ପକାଇବାରୁ ପାଖ ଘୋଘର ଗାଁ କମିଟି ଯୁବକମାନେ ପହଚିଂ ଥିଲେ ମଧ୍ୟ ପ୍ରଖର ସୁଅ ଓ ଗଭୀର ଜଳଭଉଁରି ଥିବାରୁ କେହି ପଶି ପାରି ନଥିଲେ । ଶେଷକୁ ଅଗ୍ନିଶମ ବାହିନୀ ପହଚିଂ ଉଦ୍ଧାର ଅଭିଯାନ ଚଳାଇଥିଲେ । ଜଣେ ସମାଜସେବୀ ଓ ସଂଗଠିକା ଭାବେ ଅତି ପରିଚିତା ପ୍ରଜ୍ଞାଶ୍ରୀଙ୍କ ମୃତଦେହ ଉଦ୍ଧାର ଖବର ମିଳିବା ପରେ ସୁନ୍ଦରଗଡ଼ରେ ଶୋକର ଛାୟା ଖେଳିଯାଇଛି ।

## ରାଉରକେଲାର ଜଣାଶୁଣା ଯୁବ ନେତାଙ୍କ ବିୟୋଗରେ ବିଧାୟକଙ୍କ ଶୋକ



ରାଉରକେଲା,୧୯/୯(ନି/ପ୍ର): ଜଣାଶୁଣା ଯୁବନେତା,ହସମୁଖ ଚେହେରା, ମିଷ୍ଟାଭାଶି, ପରୋପକାରୀ ଉଦିତ ପ୍ରତାପ ମୋହାପାତ୍ର,ଆଉ ନାହାନ୍ତି । ପୂର୍ବରୁ କର୍କଟ ରୋଗରେ ପୀଡିତ ଥିବା ଏବଂ ଗତ ରାତ୍ରିରେ ହଠାତ ନିଶ୍ୱାସ ନେବାରେ ଅସୁବିଧା ହେବାରୁ, ପରିବାର ବର୍ଗ ତାଙ୍କୁ ହାଇଟେକ ମେଡିକାଲ,ପରେ ଜେପି ହସ୍ପିଟାଲ ରେ ଚିକିଛା କରାଇଥିଲେ ମଧ ଶେଷରେ ନିରାଶ ହେବାକୁ ପଡିଲା । ଏ ଦୁଖଦ ଖବର ସମଗ୍ର ରାଉରକେଲା ବାସୀଙ୍କୁ ମର୍ମାହତ କରିଛି । ରାଉରକେଲାର ମାନ୍ୟବର ବିଧାୟକ ଶ୍ରୀ ସାରଦା ପ୍ରସାଦ ନାୟକ ନିଜର ଶୋକ ବାର୍ତାରେ,ଉଦିତ ମୋର ସାନ ଭାଇ ସଦୃଶ୍ୟ,ତାର ପୁରା ପରିବାରମାନଙ୍କ ସହିତ ମୋର ପାରିବାରିକ ସମ୍ପର୍କ ଦୀର୍ଘ ବର୍ଷ ଧରି ରହିଆସିଛି । ତାଙ୍କ ବାପା ସ୍ୱର୍ଗୀୟ ନିରଞ୍ଜନ ମୋହାପାତ୍ର ଙ୍କ ସହିତ ମଧ ମୋର ସମ୍ପର୍କ ଅତି ନିବିଡ ଥିଲା, ସେ ମୋର ପିତୃତୁଲ୍ୟ ଥିଲେ, ଉଦିତ ର ନିଧନ ଆମ ସମସ୍ତଙ୍କ ପାଇଁ ଅପୂରଣୀୟ କ୍ଷତି ହୋଇଛି । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି,ଏ ମୋହା ଦୁଖକୁ ଲାଘବ କରିବାପାଇଁ ମୋହାପ୍ରଭୁ ପରିବାର ବର୍ଗଙ୍କୁ ଯଥେଷ୍ଟ ଶକ୍ତି ପ୍ରଦାନ କରନ୍ତୁ । ବିଜେଡ଼ି ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ,ଗଭୀର ଶୋକ ବାର୍ତା। ଜଣାଇଥିଲେ । ଶେଷଦର୍ଷନ କରିବାପାଇଁ ତାଙ୍କର ଉଦିତ ନଗର ସ୍ଥିତ ବାସଭବନ ରେ ନିହାର ରାୟ,ବିରେନ ସେନାପତି,ଜୟନ୍ତ କୁମାର ମିଶ୍ର,ଶ୍ରୀଚରଣ ମହାନ୍ତି,ଶୈଳେନ୍ଦ୍ର ମହାନ୍ତି, ସୁବାଶ ସ୍ୱାଇଁ,ରମେଶ ଜେନା, ଦିଲ୍ଲୀପ ସ୍ୱାଇଁ, ଭଗବାନ ରାଉତ,ପ୍ରମୋଦ ପ୍ରଧାନ,ସୁନୀଲ କାୟାଲ,ସୁଦାମ ଦାଶ,ବୁବୁଲି ରାଉତ,ଭବାନୀ କବି,ପ୍ରଦୀପ ବିଶ୍ୱାଳ ସମେତ ଅନେକ ଲୋକ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ବିପିସିଏଲ ପକ୍ଷରୁ ସ୍ୱଚ୍ଛତା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୧୯/୯(ନି/ପ୍ର):ଭାରତ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ୍ (ବିପିସିଏଲ)–ଗ୍ୟାସ୍ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ପୌରପାଳିକା ଅଂଚଳରେ ପାଇପ ନ୍ୟାଚୁରାଲ୍ ଗ୍ୟାସ୍ (ପିଏନଜି) ବ୍ୟବହାର ସମ୍ପର୍କରେ ଜନସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି ଅବସରରେ ଡୋମେଷ୍ଟିକ୍ ପିଏନଜି କିଓସ୍କର ଉଦ୍ଘାଟନ, ପିଏନଜି ପ୍ରମୋସନାଲ୍ ଭେହିକଲ୍ ର ଶୁଭାରମ୍ଭ ଏବଂ ପଟ୍ଟାମୁଣ୍ଡାଇ ଅଂଚଳରେ ପିଏନଜି ଡୋମେଷ୍ଟିକ୍ ପ୍ରମୋସନାଲ୍ ୱାକାଥନ୍ ଆୟୋଜିତ ହୋଇଥିଲା । ୱାକାଥନ୍ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ପିଏନଜି ର ଉପକାରିତା ଏବଂ ଉପଲବ୍ଧତା ସମ୍ପର୍କରେ ସଚେତନ କରାଯାଇଥିଲା । ପିଏନଜି ଏକ ସ୍ୱଚ୍ଛ ଓ ସୁବିଧାଜନକ ଘରୋଇ ଇନ୍ଧନ, ଯାହା ପାଇପ୍ ମାଧ୍ୟମରେ ନିରନ୍ତର ଯୋଗାଣ ହୋଇଥାଏ । ଏଥିପାଇଁ ଏଲପିଜି ସିଲିଣ୍ଡର ବୁକିଂ, ସଂରକ୍ଷଣ ଓ ଘରକୁ ସିଲିଣ୍ଡର ଆଣିବାର ଆବଶ୍ୟକତା ରହେ ନାହିଁ । ପିଏନଜି ବ୍ୟବହାରରେ ଅଧିକ ସୁବିଧା, ନିରନ୍ତର ଯୋଗାଣ, ସହଜ ବ୍ୟବହାର ଏବଂ ତୁଳନାମୂଳକ ଭାବେ କମ୍ ପରିବେଶ ପ୍ରଦୂଷଣ ଭଳି ସୁବିଧା ମିଳିଥାଏ । ଏହି କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ ପୌରପାଳିକାର ଏକ୍ଜିକ୍ୟୁଟିଭ୍ ଅଫିସର ରଞ୍ଜନ କୁମାର ଦାସ ଏବଂ ପୌରପାଳିକା ଅଧ୍ୟକ୍ଷ ହେମନ୍ତ ସାହୁ ଉପସ୍ଥିତ ରହି ଗୌରବାନ୍ୱିତ କରିଥିଲେ । ୱାକାଥନ୍ ପରେ 'ସ୍ୱଚ୍ଛତା ହିଁ ସେବା–୨୦୨୬' ଅଭିଯାନର ଅଂଶ ଭାବେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ପ୍ରତି ସାମୂହିକ ଦାୟିତ୍ୱର ବାର୍ତା ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

## ଛେଣ୍ଡ ମଣ୍ଡଳରେ ମୋଦୀଜୀଙ୍କ ଜନ୍ମଦିନରେ ଆଶୀର୍ବାଦ ଦୀପ ପ୍ରଜ୍ୱଳନ



ରାଉରକେଲା,୧୯/୯(ନି/ପ୍ର): ଭାରତୀୟ ଜନତା ପାର୍ଟି, ରାଉରକେଲା ସାଙ୍ଗଠନିକ ଜିଲ୍ଲା ଅନ୍ତର୍ଗତ ଛେଣ୍ଡ ମଣ୍ଡଳ ପକ୍ଷରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ତାଙ୍କ ସୁସ୍ଥ ଓ ଦୀର୍ଘାୟୁ ଜୀବନ କାମନା କରି ଆଶୀର୍ବାଦ ଦୀପ ପ୍ରଜ୍ୱଳନ କରାଯାଇଥିଲା । ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ୍ର ଗେଟ୍ ନଂ-୩, କିଷାନ ଟୋଲା ଓ ଭିଏସ୍ଏସ୍ ମାର୍କେଟ୍ ନିକଟରେ ଛେଣ୍ଡ ମଣ୍ଡଳ ସଭାପତି ଶ୍ରୀ ବଟକୃଷ୍ଣ ନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଆଗାମୀ ଏକ ମାସ ଧରି ବିଭିନ୍ନ ସେବା ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଭବ୍ୟ ଭାବେ ପାଳନ କରିବା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଜଗବନ୍ଧୁ ବେହେରା, ମଣ୍ଡଳ ପ୍ରଭାରୀ ଶ୍ରୀ କମଳାକାନ୍ତ ବାରିକ, ହିମାଂଶୁ ଶେଖର ଚୌଧୁରୀ, ଜେଟଂଲ ପରିଡ଼ା, ବାବୁ ପରିଡ଼ା, ହିମାଂଶୁ ନାୟକ, ପଙ୍କଜ ପ୍ରସାଦ, ରୂପଶ୍ରୀ ଦାଶ, ଅଭିରାମ ଦାସ, ଚନ୍ଦା ଗିରି, ରେଖା କୋଠାରୀ, ଦେବରାଜ ତ୍ରିପାଠୀ, ଭାସ୍କର ତ୍ରିପାଠୀ, ଜ୍ୟୋସ୍ନାରାଣୀ ସାମଲ, ଚନ୍ଦ୍ରକାନ୍ତ କାପାଟ, ଅହଲ୍ୟା ପାଣି, ଭବାନୀ କବି, ସଞ୍ଜୀବ ରାୟ ମହାପାତ୍ର ଓ ପ୍ରବଳ ବାଗିଙ୍କ ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ଓ ସ୍ମରଣୀୟ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ସଫେଇ କର୍ମଚାରୀ ସଂଘ ପକ୍ଷରୁ ସମାଜସେବୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୧୯/୯(ନି/ପ୍ର): କେନ୍ଦ୍ରାପଡ଼ା ପୌରପାଳିକା ମା' ମଙ୍ଗଳା ସଫେଇ କର୍ମଚାରୀ ସଂଘ ପକ୍ଷରୁ ସମାଜସେବୀ ରଞ୍ଜିତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସଂଘର ଚେୟାରମ୍ୟାନ ମାନସ ସେଠୀ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଶ୍ରୀ ସାହୁ କହିଥିଲେ ପୌରାଂଚଳରେ ବାସ କରୁଥିବା ସଫେଇ କର୍ମଚାରୀମାନଙ୍କ ଦ୍ୱାରା ସହର ସଫା ରହୁଛି । ତେଣୁ ସରକାର ସେମାନଙ୍କ ସମସ୍ୟା ସଂପର୍କରେ ଅବଗତ ହୋଇ ସେମାନଙ୍କୁ ଘର ଯୋଗାଇ ଦିଅନ୍ତୁ ପୂର୍ବରୁ ସେମାନଙ୍କ ରହିବା ପାଇଁ ଯେଉଁ ଆପାର୍ଟମେଟଂ ପ୍ରସ୍ତାବ ସରକାର ଦେଇଥିଲେ ତାହାକୁ ତୁରନ୍ତ କାର୍ଯ୍ୟକାରୀ କରନ୍ତୁ ଫଳରେ ରାତିଦିନ ପରିଶ୍ରମ କରୁଥିବା ସଫେଇ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ସମାଜରେ ଭଲରେ ରହିପାରିବେ ।

## ୨୦୨୬ ଅକ୍ଟୋବର ୪ରେ ହେବ କେନ୍ଦ୍ରୀୟ ପୂଜା କମିଟିର ନିର୍ବାଚନ




ରାଉରକେଲା,୧୯/୯(ନି/ପ୍ର): ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା, କାଳୀପୂଜା ଓ ଲକ୍ଷ୍ମୀପୂଜାର ସୁପରିଚାଳନା ନିମନ୍ତେ ଗଠିତ ରାଉରକେଲା କେନ୍ଦ୍ରୀୟ ପୂଜା କମିଟି (ସିପିସି)ର ୨୦୨୬-୨୭ ବର୍ଷ ପାଇଁ ସାଧାରଣ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ପଦବୀର ନିର୍ବାଚନ ଅକ୍ଟୋବର ୪ ତାରିଖରେ ଅନୁଷ୍ଠିତ ହେବ ବୋଲି ଆଜି ଉଦିତନଗର ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ପ୍ରଭାରୀ ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ଶ୍ରୀମତୀ ପଲ୍ଲବୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ରୀୟ ପୂଜା କମିଟିର ବୈଠକରେ ନିଷ୍ପତ୍ତି ନିଆଯାଇଛି । ରାଉରକେଲା କେନ୍ଦ୍ରୀୟ ପୂଜା କମିଟିକୁ ତିନୋଟି ଜୋନ୍ ଯଥା, ସିଭିଲ୍ ଟାଉନଶିପ୍ ଜୋନ୍, ଷ୍ଟିଲ୍ ଟାଉନଶିପ୍ ଜୋନ୍ ଓ ଫର୍ଟିଲାଇଜର ଟାଉନଶିପ୍ ଜୋନରେ ବିଭକ୍ତ କରାଯାଇଛି । ଏହି ତିନୋଟି ଜୋନ୍ ପାଇଁ ମଧ ଅକ୍ଟୋବର ୪ ତାରିଖ ଦିନ ଉପସଭାପତି, ଯୁଗ୍ମ ସଚିବ ଏବଂ ଦୁଇଜଣ କାର୍ଯ୍ୟକାରୀ ସଦସ୍ୟ ନିର୍ବାଚିତ ହେବେ । ନିର୍ବାଚନରେ ପ୍ରାର୍ଥୀ ହେବାକୁ ଇଚ୍ଛୁକ ବ୍ୟକ୍ତିମାନେ ସେପ୍ଟେମ୍ବର ୨୫ ତାରିଖ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିପାରିବେ । ନାମାଙ୍କନପତ୍ର ଦାଖଲ ପରେ ପରେ ପ୍ରାର୍ଥୀପତ୍ର ଯାଚଂ କରାଯିବ । ସେପ୍ଟେମ୍ବର ୨୮ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇପାରିବ । ସେହି ଦିନ ସନ୍ଧ୍ୟା ୫ଟା ୩୦ ମିନିଟ୍ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ରାଉରକେଲାର ପ୍ରତ୍ୟେକ ପୂଜା କମିଟିର ସଭାପତି କିମ୍ବା ସାଧାରଣ ସମ୍ପାଦକ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯୋଗ୍ୟ ହେବେ । ସେହିପରି ପ୍ରତ୍ୟେକ ପୂଜା କମିଟିର ସଭାପତି କିମ୍ବା ସମ୍ପାଦକ ନିର୍ବାଚନରେ ମତଦାନ କରିପାରିବେ । ଅକ୍ଟୋବର ୪ ତାରିଖ ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପିଏ ଆଇଟିଡିଏ ସମ୍ମିଳନୀ କକ୍ଷରେ ମତଦାନ ହେବ । ଅପରାହ୍ନ ୪ଟାରେ ଭୋଟ ଗଣତି ଏବଂ ସନ୍ଧ୍ୟା ୬ଟାରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଠକରେ ଡେପୁଟି କଲେକ୍ଟର ପ୍ରାରବ୍ଧା ବଡ଼ପଣ୍ଡା, ଡେପୁଟି କଲେକ୍ଟର ମଧୁସ୍ମିତା କିଷାନ, ଅତିରିକ୍ତ ତହସିଲଦାର ସୁଦକ୍ଷ ପଟେଲ, ଡିଏସ୍ପି ଡି ଆଇ ବି ରାମରାୟ ମୁର୍ମୁ ଏବଂ ରାଉରକେଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସମେତ ବିଭିନ୍ନ ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ସୁରକ୍ଷା ନିରୀକ୍ଷଣକୁ ସୁଦୃଢ଼ କରିବା ପାଇଁ ରାଉରକେଲା ଇସ୍ପାତ କାରଖାନାରେ ଇନ୍-ହାଉସ୍ ବିକଶିତ ଏ ଆଇ ଆଧାରିତ ଅନୁପ୍ରବେଶ ଚିହ୍ନଟ ବ୍ୟବସ୍ଥା 'ପ୍ରହରୀ ଏଆଇ ' ନିୟୋଜିତ



ରାଉରକେଲା,୧୯/୯(ନି/ପ୍ର): କାର୍ଯ୍ୟସ୍ଥଳର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ କୃତ୍ରିମ ବୁଦ୍ଧିମତା (ଏଆଇ) ଓ ଡିଜିଟାଲ ପ୍ରଯୁକ୍ତିର ଉପଯୋଗ ଦିଗରେ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପକ୍ଷରୁ ଆଉ ଏକ ପଦକ୍ଷେପ ଗ୍ରହଣ କରାଯାଇଛି । ଆର ଏସ ପି ର ଡିଜିଟାଲାଇଜେସନ୍ ବିଭାଗ ପକ୍ଷରୁ ଇନ୍-ହାଉସ୍ ଭାବେ ବିକଶିତ ଓ ନିୟୋଜିତ ହୋଇଛି 'ପ୍ରହରୀ ଏଆଇ – ଇଟଂରୁସନ ଡିଟେକସନ ୱିଥ ଡିଜିଟାଲ ଫେନସିଂ', ଏକ ଏ ଆଇ ଆଧାରିତ ଭିଡିଓ ଆନାଲିଟିକ୍ସ ସମାଧାନ । ଡିଜିଟାଲାଇଜେସନ୍ ବିଭାଗ ଦ୍ୱାରା ଏହି ସମାଧାନର ପରିକଳ୍ପନା, ବିକାଶ ଓ କାର୍ଯ୍ୟାନ୍ୱୟନ କରାଯାଇଛି । ଏହା ଏନପିଏମ ଏବଂ ଡିଜିଟାଲେିଜେସନ ବିଭାଗର ସିଜିଏମ ଶ୍ରୀ ଆର. କେ. ମୁଦୁଲି ଏବଂ ସି ଆଣ୍ଡ ଆଇଟି ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ ଶ୍ରୀମତୀ ସୁମିତା ଭଟ୍ଟାଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ବିକଶିତ ହୋଇଛି । 'ପ୍ରହରୀ ଏଆଇ' ଏଆଇ ସକ୍ଷମ ଭିଡିଓ ଆନାଲିଟିକ୍ସ ପ୍ରଯୁକ୍ତିର ଉପଯୋଗ କରି ନିର୍ଦ୍ଧାରିତ ସୁରକ୍ଷିତ କିମ୍ବା ପ୍ରତିବନ୍ଧିତ ଅଚଂଳଗୁଡ଼ିକରେ ନିରନ୍ତର ନଜର ରଖିଥାଏ । ସ୍ଥାନୀୟ ପରିସ୍ଥିତି ଓ ଆବଶ୍ୟକତା ଅନୁଯାୟୀ ବର୍ତ୍ତମାନର ସି ସି ଟି ଭି କ୍ୟାମେରା କିମ୍ବା ନୂତନ ଭାବେ ସ୍ଥାପିତ କ୍ୟାମେରା ମାଧ୍ୟମରେ ଏହି ବ୍ୟବସ୍ଥା କାର୍ଯ୍ୟ କରେ । ଚିହ୍ନଟ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଅଚଂଳଗୁଡ଼ିକ ଚାରିପାଖରେ 'ଡିଜିଟାଲ ଫେନ୍ସିଂ' ସୃଷ୍ଟି କରାଯାଇଛି । ଏହି ଡିଜିଟାଲ ସୀମା ମଧ୍ୟରେ ଅନଧିକୃତ ପ୍ରବେଶ ହେଲେ ବ୍ୟବସ୍ଥାଟି ତାହାକୁ ବାସ୍ତବ ସମୟରେ ସ୍ୱୟଂଚାଳିତ ଭାବେ ଚିହ୍ନଟ କରିଥାଏ, ଫଳରେ ତୁରନ୍ତ ସୁରକ୍ଷାମୂଳକ ପଦକ୍ଷେପ ନିଆଯାଇପାରେ । ବର୍ତ୍ତମାନ 'ପ୍ରହରୀ ଏଆଇ' କୁ ନ୍ୟୁ ପ୍ଲେଟ୍ ମିଲ୍ର ଦୁଇଟି ସ୍ଥାନ ଯଥା ଡିଭାଇଡିଂ ସିଅର୍ ଏରିଆ ଓ ଡି ଏସ ଟି ଏସଏରିଆ, ଏବଂ ବ୍ଲାଷ୍ଟ ଫର୍ନେସ୍-୫ର ୟୁ -ସିଲ ଏରିଆରେ ସଫଳତାର ସହିତ ନିୟୋଜିତ କରାଯାଇଛି । ଏହାର ଅଂଶ ଭାବେ ସାଇଟ୍ରେ ଏକ ଅଡିଓ ବଜର୍ ମଧ୍ୟ ସ୍ଥାପନ କରାଯାଇଛି । ଡିଜିଟାଲ ଭାବେ ଚିହ୍ନିତ ଅଚଂଳ ମଧ୍ୟରେ କୌଣସି ଅନୁପ୍ରବେଶ ହେଲେ ଏହି ବଜର୍ ତୁରନ୍ତ ଶ୍ରାବ୍ୟ ସତର୍କ ସଙ୍କେତ ପ୍ରଦାନ କରିଥାଏ । 'ପ୍ରହରୀ ଏ ଆଇ'ର ସଫଳ ବିକାଶ ଓ କାର୍ଯ୍ୟାନ୍ୱୟନ ଆର ଏସପିର ଡିଜିଟାଲାଇଜେସନ୍ ବିଭାଗର ନିଜସ୍ୱ ଦକ୍ଷତା ଓ ପ୍ଲାଟଂର ବିଶିଷ୍ଟ ପରିଚାଳନାଗତ ଏବଂ ସୁରକ୍ଷା ଆବଶ୍ୟକତା ଅନୁଯାୟୀ ଏ ଆଇ ଆଧାରିତ ସମାଧାନ ବିକଶିତ କରିବାର କ୍ଷମତାକୁ ପ୍ରତିପାଦିତ କରୁଛି । ଏହି ପଦକ୍ଷେପ ମାଧ୍ୟମରେ ବର୍ତ୍ତମାନର ସି ସି ଟି ଭି ଭିତିଭୂମି ସହିତ ଏ ଆଇ ଆଧାରିତ ଭିଡିଓ ଆନାଲିଟିକ୍ସର ସଫଳ ସମନ୍ୱୟ ଘଟାଇ ଏକ ସକ୍ରିୟ ଓ ପ୍ରଭାବଶାଳୀ ସୁରକ୍ଷା ନିରୀକ୍ଷଣ ବ୍ୟବସ୍ଥା ପ୍ରତିଷ୍ଠା କରାଯାଇଛି । ଭବିଷ୍ୟତରେ ପ୍ଲାଟଂର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଚଂଳରେ ମଧ୍ୟ ଏହି ସମାଧାନକୁ ବ୍ୟାପକ ଭାବେ ନିୟୋଜିତ କରିବାର ସୁଯୋଗ ରହିଛି । ଏହା ଆର ଏସ ପି ର 'ସୁରକ୍ଷିତ ଓ ସ୍ମାର୍ଟ ପରିଚାଳନା' ଦିଗରେ ଡିଜିଟାଲ ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତାର ସର୍ବାଧିକ ଉପଯୋଗ କରିବାର ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିବ ।

## ସେବା ସଂକଳ୍ପ ଅଭିଯାନ ୨୦୨୬ର ଶୁଭାରମ୍ଭ:
## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ସାଂସଦଙ୍କ ସଫେଇ



ରାଉରକେଲା,୧୯/୯(ନି/ପ୍ର): ସମଗ୍ର ରାଜ୍ୟରେ ସେବା ସଂକଳ୍ପ ଅଭିଯାନ-୨୦୨୬ର କାର୍ଯ୍ୟକ୍ରମ ଚାଲିଛି । ଏହି ଅଭିଯାନ ୨୦୨୬ ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଏକ ମାସବ୍ୟାପୀ ଚାଲିବ । ଏହା ଅଧୀନରେ ଜିଲ୍ଲାରେ ବିଭିନ୍ନ ଜନକଲ୍ୟାଣମୂଳକ ଓ ସେବାମୂଳକ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡିକ ଆୟୋଜିତ ହେବ । ଏହି ପରିପେକ୍ଷୀରେ ସୁନ୍ଦରଗଡ ସାଂସଦ ଜୁଏଲ ଓରାମ କୁଆରମୁଣ୍ଡା ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଆୟୋଜିତ ହୋଇଥିବା ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗଦେବା ସହ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଶ୍ରୀ ଓରାମ ସ୍ୱଚ୍ଛତା ଅଭିଯାନ ଅଧୀନରେ ଗ୍ରାମରୁ ସହର, ବିଦ୍ୟାଳୟ, କାର୍ଯ୍ୟାଳୟ, ରାଜ୍ୟ ଏବଂ ଦେଶକୁ ସ୍ୱଚ୍ଛ ଏବଂ ସୁନ୍ଦର ରଖିବା ପାଇଁ ଶପଥ ପାଠ ନେଇଥିଲେ । ଏହା ସହ ସେ ପିଲାମାନଙ୍କୁ ଉଚିତ ଶିକ୍ଷା ଗ୍ରହଣ କରି ସୁନ୍ଦର ଭବିଷ୍ୟତ ଗଡ଼ିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପାନପୋଷ ବିକ୍ରାଣି କିସ୍ପଟ୍ଟା, କୁଆରମୁଣ୍ଡା ବିଡ଼ିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ପରିପେକ୍ଷୀରେ ସୁନ୍ଦରଗଡ ସାଂସଦ ଜୁଏଲ ଓରାମ କୁଆରମୁଣ୍ଡା ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଆୟୋଜିତ ହୋଇଥିବା ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗଦେବା ସହ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ ।